ସଙ୍ଗୀତମାଳା

ସଙ୍କଳକ ଓ ଆଲୋଚକ

ଡକ୍ଟର ଶରତ ଚନ୍ଦ୍ର ରଥ

Digitized by PPRACHIN, SOA

ସଙ୍ଗୀତମାଳା

(ରାଜକବି ଧନଞ୍ଜୟ ଭଞ୍ଜଙ୍କର କେତେକ ସଙ୍ଗୀତ ଏବଂ
କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର କେତେକ ସଙ୍ଗୀତର
ସଂକଳନ ଓ ଆଲୋଚନା)

ସଂକଳକ ଓ ସମାଲୋଚକ :

ଡକ୍ଟର ଶରତ୍ ଚନ୍ଦ୍ର ରଥ

ଏମ୍.ଏ., ଏମ୍.ଫିଲ୍., ପିଏଚ୍.ଡ଼ି.

ପ୍ରଫେସର, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ

ବାଣୀବିହାର, ଭୁବନେଶ୍ୱର

Digitized by PPRACHIN, SOA

ସଙ୍ଗୀତମାଳା

(ରାଜକବି ଧନଞ୍ଜୟ ଭଞ୍ଜଙ୍କର କେତେକ ସଙ୍ଗୀତ ଏବଂ
କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର କେତେକ ସଙ୍ଗୀତର
ସଂକଳନ ଓ ଆଲୋଚନା)

ପ୍ରଚ୍ଛଦ ଚିତ୍ର : ମ୍ୟୁଜିୟମ୍ ରିଟ୍‌ବର୍ଗ ଦ୍ୱାରା ପ୍ରକାଶିତ ରସିକ ହାରାବଳି ତାଳପତ୍ରର ଚିତ୍ରରୁ ଆନୀତ

ସଂକଳକ ଓ ସମାଲୋଚକ :

ଡକ୍ଟର ଶରତ୍ ଚନ୍ଦ୍ର ରଥ

ଏମ୍.ଏ., ଏମ୍.ଫିଲ୍., ପିଏଚ୍.ଡ଼ି.

ପ୍ରଫେସର, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

ପ୍ରକାଶକ : ଦିବ୍ୟ ପ୍ରକାଶନୀ, ଦିବ୍ୟ ବିହାର, ସାମନ୍ତରାୟପୁର, ଭୁବନେଶ୍ୱର -୨

ପ୍ରଥମ ପ୍ରକାଶନ : ୨୦୦୯

ମୁଦ୍ରଣ : ଦିବ୍ୟ ମୁଦ୍ରଣୀ

ପ୍ରଚ୍ଛଦ ପ୍ରସ୍ତୁତି ଓ ଅଙ୍ଗସଜ୍ଜା : ବିଭୁ ପ୍ରସୂନ

ମୂଲ୍ୟ - ଟ୪୦/-

SANGEETMALA

(Compiliation & Criticism of some poems written by Rajkabi Dhananjaya Bhanja & Kavi Samrat Upendra Bhanja)

Cover taken from the book Rasika Haravali, published by Museume Rietberg, Zurich

Compiler & Critic :

Dr. Sarat Chandra Rath

M.A., M. Phil., Ph.D

Professor, Dept. of Oriya,
Utkal University, Vani Vihar, Bhubaneswar

Publisher : **Divya Prakasani**

Printed at **Divya Mudrani**, DivyaVihar, Samantarapur,
Bhubaneswar-2, Ph. (0674) 2340136

First Edition : 2009

Design : **Bibhu Prasuna**

Price : Rs. 40/-

Digitized by PPRACHIN, SOA

ମୋର ପରମାରାଧ୍ୟ

ଶ୍ରୀମାଶ୍ରୀଅରବିନ୍ଦଙ୍କ ପାଦପଦ୍ମରେ ଏହି

ବହିଟିକୁ ସମର୍ପଣ କରି

ନନା ଶ୍ରୀ ନୀଳାଦ୍ରି ବିହାରୀ ରଥ ଓ ବୋଉ

ଶ୍ରୀମତୀ ମନୋରମା ଦେବୀଙ୍କ ହାତରେ

ଅର୍ପଣ କଲି ।

।। ବିନୀତ ।।

ଶରତ

Digitized by PPRACHIN, SOA

Digitized by PPRACHIN, SOA

ଅଭିମତ

କବି ସମ୍ରାଟ ଉପେନ୍ଦ୍ରଭଞ୍ଜ କେବଳ ମୁକୁଟ ବିହୀନ କବି ସମ୍ରାଟ ନଥିଲେ, ସେ ମଧ୍ୟ ଥିଲେ ଶବ୍ଦ ସମ୍ରାଟ ଏବଂ ସର୍ବୋପରି ସଙ୍ଗୀତ ସମ୍ରାଟ । କାବ୍ୟ, ମହାକାବ୍ୟ, ଚଉତିଶା ଓ ଛାନ୍ଦ ମାଧ୍ୟମରେ ସେ ଯେଉଁ ହୃଦୟସ୍ପର୍ଶୀ ମୂର୍ଚ୍ଛନା ସୃଷ୍ଟି କରିଯାଇଛନ୍ତି ତାହା କଳନା କରିହେବ ନାହିଁ । ଏହା ଦ୍ୱାରା ସେ ଓଡ଼ିଶୀ ସଙ୍ଗୀତ ତଥା ତଦ୍ୱାରା ଋଦ୍ଧିମନ୍ତ ଓଡ଼ିଶୀ ନୃତ୍ୟକୁ ଯେଉଁ ଦାନ ଦେଇଯାଇଛନ୍ତି ତା'ର ତୁଳନା ନାହିଁ । ସେ ଏଥିପାଇଁ ଚିର ସ୍ମରଣୀୟ, ବନ୍ଦନୀୟ ଓ ବରେଣ୍ୟ ହୋଇ ରହିଥିବେ । ଏଥିରେ ମତଦ୍ୱୈଧର ଅବକାଶ ନାହିଁ ।

ଉପେନ୍ଦ୍ରଙ୍କ ଭାଷାରେ ଧନଞ୍ଜୟ ଭଞ୍ଜ ହେଉଛନ୍ତି 'ଲୋକେ ବିଖ୍ୟାତ କବିଗୁଣେ' ଉପେନ୍ଦ୍ର ଭଞ୍ଜ ତାଙ୍କ ପିତାମହ କବି ଧନଞ୍ଜୟ ଭଞ୍ଜଙ୍କ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ, ଉତ୍ସାହିତ ଓ ଅନୁପ୍ରାଣିତ ହୋଇଥିଲେ । ଧନଞ୍ଜୟ ଭଞ୍ଜ ଯେ ନିଜେ ସ୍ୱକୃତିରେ ଏତେ ପ୍ରତିଭାବାନ୍ ଥିଲେ ଏହା ଅନେକଙ୍କୁ ଅବିଦିତ କିମ୍ବା ଅସ୍ପଷ୍ଟ । ନିମ୍ନୋକ୍ତ କେତେଗୋଟି ପଂକ୍ତିରୁ ତାଙ୍କର ମହାନ୍ କବି ପ୍ରତିଭା ଅନୁଶୀଳନ କରିହେବ ।

''ତୁ ଶିର ମଣ୍ଡନ ତୁ ତନୁ ଚନ୍ଦନ ତୁ ମୋର ମନ ସଦନ
ତୁ ମୋର ହୃଦରେ ଥାଇ ଅହର୍ନିଶି ତରୁଣୀବର ରତନରେ
ରେ ଧନ ! ଛାଡ଼ ତୁ ସଂଶୟ ମାନ
ନିର୍ଦ୍ଦୟ ମଦନ ହୃଦରେ ଦହୁଛି ଦିଅ ମୋତେ ପ୍ରେମ ଦାନ ।''

''ମିତଣି ମୋତେ ନ ହୁଅ ବିରସ
ଜାଣ ମୁଁ ତୋର ରତିକେଳି ଦାସ''

ଏବଂ

''ମୋର ଜୀବନଧନ ପରାଣମଣି
କି କରି ବଞ୍ଚିଥିବୁ ଘୋର ରଜନୀରେ
ଆରେ ନବ ତରୁଣୀ
ତୋ ଗୁଣ ଶୁଣି ନ ସରଇ ରଜନୀରେ ।

Digitized by PPRACHIN, SOA

ବିଧୁ ମୁଖ ଦିଶୁଥିବ ବିରସ
ନ ଥିବ ମୁଖେ ତୋ ମଧୁର ହସ
ଆରେ ଜୀବନଧନି !
ଗରୁ ମଣୁଥିବୁ ଝିନ ପତନୀରେ ।''

ପିତାମହ ଧନଞ୍ଜୟ ଭଞ୍ଜଙ୍କର ଏହି ଲୁପ୍ତପ୍ରାୟ, ଗୁପ୍ତ ପ୍ରତିଭା ସହ ଯୋଗ୍ୟ ନାତି ଉପେନ୍ଦ୍ର ଭଞ୍ଜଙ୍କର ସର୍ବବିଦିତ ଓ ଲୋକପ୍ରିୟ ସଙ୍ଗୀତଗୁଡ଼ିକୁ ଏକତ୍ର କରି ପ୍ରକାଶ କରିବାର ସତ୍ ପ୍ରଚେଷ୍ଟା କରିଛନ୍ତି ଆମର ପ୍ରିୟ ସାହିତ୍ୟିକ, କବି ପ୍ରଫେସର ଶରତ ଚ଼ନ୍ଦ୍ର ରଥ । ତାଙ୍କର ସଂକଳିତ ଏହି ''ସଙ୍ଗୀତମାଳା''ରେ ପ୍ରକାଶିତ ଏହି ସଙ୍ଗୀତ ସଂଗ୍ରହ ପାଇଁ ସେ ଆମ ସମସ୍ତଙ୍କର ପ୍ରଶଂସାଭାଜନ ଓ ଧନ୍ୟବାଦାର୍ହ ।

ପ୍ରଭୁ ଶ୍ରୀଜଗନ୍ନାଥ ଶରତବାବୁଙ୍କୁ ଆଶୀର୍ବାଦ କରନ୍ତୁ । ତାଙ୍କର ଉତ୍ତରୋତ୍ତର ଉନ୍ନତି ହେଉ ଏବଂ ତାଙ୍କର ଯଶସ୍ୱୀ ଲେଖନୀର ସୃଷ୍ଟିରେ ଆମର ସାହିତ୍ୟ, ସଙ୍ଗୀତାଦି ଋଦ୍ଧିମନ୍ତ ହେଉ, ଏତିକି କାମନା ଏବଂ ପ୍ରାର୍ଥନା ।

ଡାକ୍ତର କବିପ୍ରସାଦ ମିଶ୍ର
ସୁବକ୍ତା, ପ୍ରାବନ୍ଧିକ ଓ
ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ

Digitized by PPRACHIN, SOA

ପାବନ ଅବକାଶରେ...

ରୀତିଯୁଗୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ମାନସିକତାର ଏକ ନିର୍ବିବାଦୀୟ ପ୍ରତିନିଧି । ତାଙ୍କର ପଦଚିହ୍ନକୁ ଅନୁସରଣ କରି ଓଡ଼ିଆ ଜାତି ପ୍ରସ୍ତୁତ କରିଛି ନିଜ ପାଇଁ ଏକ ମହାର୍ଘ ପରମ୍ପରା । ସେଇ ପରମ୍ପରାକୁ ସଂସ୍କୃତି, ସାହିତ୍ୟ ଓ ସଙ୍ଗୀତର ଐକ୍ୟତାନରେ ଓଡ଼ିଆ ଜାତି ବର୍ଷ ବର୍ଷ ଧରି ନିଷ୍କମ୍ପ ସ୍ଥିତିରେ ରଖିବା ସହିତ ନିଜର ସ୍ୱାଭିମାନ, ସମ୍ବେଦନଶୀଳତା ଓ କଳ୍ପନା ପ୍ରବଣତାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠା କରିପାରିଛି । ହୃଦୟ ଚାହିଁଛି ସେଇ ମୂର୍ଚ୍ଛନାକୁ ଆପଣେଇ ନେବା ପାଇଁ କାଳ କାଳ ଧରି । ହୁଏତ କାଳର ବିବର୍ତ୍ତନ ଧାରାରେ ବଦଳିଯାଇଛି ପରିବେଶ, ଧୋଇ ହୋଇଯାଇଛି ତାତ୍କାଳିକ ବାସ୍ତବତା, ଧୂମାଚ୍ଛାଦିତ ହୋଇଯାଇଛି ସ୍ମୃତିର ତରଙ୍ଗ, ସ୍ୱପ୍ନର ରଙ୍ଗ ପାଣିଚିଆ ଦେଖାଯାଉଛି ତଥାପି ଜୀର୍ଣ୍ଣଶୀର୍ଣ୍ଣ କୋଣାର୍କ ଭଳି ସେ ଏବେ ବି ସୁରକ୍ଷିତ ରଖିପାରିଛି କଳାର କୌଳିନ୍ୟକୁ, ବିଧ୍ୱସ୍ତ ମାନସିକତାକୁ ଓ ରସସିକ୍ତ ଅତୀତକୁ ଏବଂ ଆକର୍ଷିତ କରିପାରୁଛି କୋଟି କୋଟି ପ୍ରେମପିପାସୁ ଆନ୍ତରିକତାକୁ । ଭୁଲି ହେଉନି ସେ ସ୍ମୃତିକୁ, ଭୁଲି ହେବନି ସେ ଅତୀତକୁ, ଯାହା ଭିତରେ କାଳଜୟୀ ଗାରିମା ଏବେ ବି ନିନାଦିତ ହୋଇଉଠୁଛି ମନ୍ଦ୍ର ଗମ୍ଭୀର ସ୍ୱରରେ ।

କାରୁକାର୍ଯ୍ୟମୟୀ ଭଞ୍ଜୀୟ କଳାଚେତନା ପଛରେ ଯେଉଁ ନିଷ୍କପଟ ସାଙ୍ଗୀତିକ ଅଭିବ୍ୟକ୍ତି ଥିଲା ତାହା ଏବେ ବି ଧରାଶାୟୀ ହୋଇପାରିନି । ଏବେ ବି ପ୍ରୀତିପାଗଳ ମଣିଷଟିଏ ସେଇ ସ୍ପନ୍ଦନକୁ ହୃଦୟର କେଉଁ କନ୍ଦରରେ ଉଜ୍ଜୀବିତ କରି ରଖିଛି । ଅବସର ମିଳିଲେ ତାକୁ ଗୁଣୁ ଗୁଣୋଉଛି ନିଜ ଛାତି ଭିତରେ, ସେଇ ରସକୁ ଭୋଗ କରିବାକୁ ଉତ୍କଣ୍ଠିତ ହୋଇଉଠୁଛି, ପ୍ରାଣ ଭିତରେ ସାଇତି ରଖିବାକୁ ଅହେତୁକ ପ୍ରୟାସ କରୁଛି ।

ଦିନ ଥିଲା ସମଗ୍ର ଓଡ଼ିଶାରେ ଭଞ୍ଜ ସଙ୍ଗୀତ ପ୍ରତି ଆଦର ରହିଥିଲା । ସଙ୍ଗୀତଜ୍ଞମାନେ ବିଭିନ୍ନ ଉତ୍ସବ ମାନଙ୍କରେ ସେହି ସଙ୍ଗୀତକୁ ଗାନ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଉଥିଲେ । ଓଡ଼ିଶୀ ନୃତ୍ୟାଙ୍ଗନାମାନେ ସେଇ ସଙ୍ଗୀତର ତାଳେ ତାଳେ ସେମାନଙ୍କର ନୃତ୍ୟଶୈଳୀକୁ ପ୍ରଦର୍ଶନ କରି ଦର୍ଶକକୁ ସ୍ତବ୍ଧ କରି ଦେଉଥିଲେ । କର୍ପୂର ଉଡ଼ିଯାଇ କନା

Digitized by PPRACHIN, SOA

ପଡ଼ିରହିଲା ଭଳି ଆଜି ବି ସଙ୍ଗୀତ ଓ ନୃତ୍ୟ ସମାରୋହରେ ଏହାର ଅମ୍ଳାନ ସ୍ମୃତିକୁ ଉପଭୋଗ କରିହେଉଛି, ଯଦିଓ ଏହା ଅନ୍ୟ ସଙ୍ଗୀତ, ନୃତ୍ୟ ତୁଳନାରେ ଗୌଣ ହୋଇପଡ଼ିଛି । କିନ୍ତୁ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତାକୁ ପ୍ରମାଣିକ କରିବାକୁ ଚାହିଁଲେ ଏବେ ବି ଭଞ୍ଜୀୟ ସାଙ୍ଗୀତିକତାକୁ ଶୀର୍ଷ ସ୍ଥାନ ଦେବାକୁ ପଡ଼ିବ, କାରଣ ଏହା ସମ୍ପୂର୍ଣ୍ଣ ଭାବରେ ରାଗ ସଙ୍ଗୀତ ଉପରେ ଆଧାରିତ ।

ଓଡ଼ିଆ ସ୍ୱାଭିମାନର ସେଇ ଅଖଣ୍ଡ ଦୀପକୁ ଜଳାଇ ରଖିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ଓଡ଼ିଆ ବିଭାଗର ପ୍ରଫେସର ଡକ୍ଟର ଶରତ ଚନ୍ଦ୍ର ରଥ କାଳଜୟୀ ଭଞ୍ଜୀୟ ରାଗ ସଙ୍ଗୀତକୁ ପୁନର୍ନବା କରିବାକୁ ଚେଷ୍ଟା କରିଛନ୍ତି । ସେ ଭଞ୍ଜ ସଙ୍ଗୀତର ଜଣେ ନିରଳସ ଭୋକ୍ତା ହୋଇଥିବାରୁ ଭଞ୍ଜଙ୍କ ସଙ୍ଗୀତର ମାଧୁର୍ଯ୍ୟ ତଥା ଓଡ଼ିଆ ଗୀତି କବିତାର ମୂର୍ଚ୍ଛନା ତାଙ୍କୁ ଏଭଳି ଏକ ପାବନ କର୍ମ କରିବାକୁ ପ୍ରେରଣା ଦେଇଛି । ସେ ଉପେନ୍ଦ୍ର ଭଞ୍ଜଙ୍କ ବିସ୍ମୃତ ପ୍ରାୟ ଚଉପଦୀ ଗୁଡ଼ିକୁ ସଂଗ୍ରହ କରିବା ସହିତ କବି ଉପେନ୍ଦ୍ରଙ୍କ ମାର୍ଗଦର୍ଶକ, ତଥା ଓଡ଼ିଆ ରୀତି ସାହିତ୍ୟର ଆଧାର ଶିଳା ରାଜକବି ଧନଞ୍ଜୟ ଭଞ୍ଜଙ୍କୁ ପରିଚିତ ଓ ଆଲୋକିତ କରିବା ପାଇଁ ପଦକ୍ଷେପଟିଏ ନେଇ ଓଡ଼ିଆ ଜାତି ପାଇଁ ତଥା ସଙ୍ଗୀତପ୍ରେମୀଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି ।

ପୂର୍ବପୁରୁଷଙ୍କ ପାଇଁ ଆମର ଏମିତି ଶ୍ରଦ୍ଧା ଓ ସମ୍ମାନ ରହିବା ଏକାନ୍ତ ଆବଶ୍ୟକ ।

ଧନ୍ୟବାଦ ଶରତ ବାବୁ, ଧନ୍ୟବାଦ ଆପଣଙ୍କର ପ୍ରଚେଷ୍ଟାକୁ, ଆପଣଙ୍କର ଅଙ୍ଗୀକାରବଦ୍ଧତାକୁ ।

ରମେଶ ଦାସ
ନାଟ୍ୟକାର, କବି ଓ ଗାଳ୍ପିକ
ପ୍ରାକ୍ତନ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ବିଜେବି ମହାବିଦ୍ୟାଳୟ

ଦିବ୍ୟବିହାର
ଭୁବନେଶ୍ୱର

Digitized by PPRACHIN, SOA

ପଦେ ଅଧେ...

କାଲି ପରି ଲାଗୁଛି, କଥାଟି କିନ୍ତୁ ୧୯୮୦-୮୧ ମସିହା ବେଳର । ମୁଁ ରାଜକବି ଧନଞ୍ଜୟ ଭଞ୍ଜଙ୍କ କୃତିତ୍ୱ ସମ୍ପର୍କରେ ଗବେଷଣା କାର୍ଯ୍ୟରେ ବ୍ୟସ୍ତ ଥାଏ । ଏହି ଅବକାଶରେ ଭଞ୍ଜନଗର, କୁଲାଡ଼ଗଡ଼, ବ୍ରହ୍ମପୁର, ରାଜ୍ୟ ଅଭିଲେଖାଗାର ଓ ରାଜ୍ୟ ସଂଗ୍ରହାଳୟରୁ ଓଡ଼ିଆ ରୀତି ସାହିତ୍ୟ ସମ୍ପର୍କରେ ବହୁ ତଥ୍ୟ ମତେ ସଂଗ୍ରହ କରିବାକୁ ପଡୁଥାଏ । ରାଜକବି ଧନଞ୍ଜୟ ଭଞ୍ଜଙ୍କର ସେତେବେଳକୁ ତିନି ଚାରିଖଣ୍ଡି କାବ୍ୟ ଏବଂ କେତୋଟି ଚଉତିଶା ପ୍ରକାଶିତ ହୋଇଥାଏ । ଆହୁରି କେତେକ କାବ୍ୟ, ଚଉପଦୀ, ମଙ୍ଗଳଗୀତ ଓ ଚଉତିଶା ଅପ୍ରକାଶିତ ଅବସ୍ଥାରେ ଥାଏ । ମୁଁ ଯେତିକି ଜାଣେ ସେଥିରୁ କିଛି ଅଦ୍ୟାବଧି ମଧ୍ୟ ଅପ୍ରକାଶିତ ଅବସ୍ଥାରେ ରହିଛି । ବିଭିନ୍ନ ସ୍ଥାନରୁ ସଂଗୃହୀତ ରାଜକବି ଧନଞ୍ଜୟ ଭଞ୍ଜଙ୍କର କେତେକ ଅପ୍ରକାଶିତ କୃତିରୁ କେତେଗୁଡ଼ିଏ ମଙ୍ଗଳଗୀତ ଓ ଚଉପଦୀ ଉକ୍ତ ପୁସ୍ତକରେ ସ୍ଥାନିତ ହୋଇଛି । ଓଡ଼ିଆ ସାହିତ୍ୟର ବାଣୀଭଣ୍ଡାରକୁ ଆଲୋଚ୍ୟ କବିଙ୍କର ଉକ୍ତ ରଚନାଗୁଡ଼ିକ କିଞ୍ଚିତ ପରିମାଣରେ ସମୃଦ୍ଧ କରିବ ବୋଲି ଆଶା ମୋର ଅଛି ।

କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କର କେତେକ ଚଉପଦୀ ଉକ୍ତ ପୁସ୍ତକରେ ସ୍ଥାନ ପାଇଛି । ଏଗୁଡ଼ିକ ଅପ୍ରକାଶିତ ନୁହେଁ, ପୂର୍ବରୁ ବହୁବାର ପ୍ରକାଶିତ ତଥା ପାଠକ ମହଲରେ ତଥା ଗାୟକ ମହଲରେ ବହୁ ଭାବରେ ଆଦୃତ । ଅନ୍ତଃପୁରରୁ କୃଷିକ୍ଷେତ୍ର ପର୍ଯ୍ୟନ୍ତ ସର୍ବତ୍ର ପ୍ରଚାରିତ ଏହି ସଙ୍ଗୀତଗୁଡ଼ିକର ମୁଦ୍ରିତ ରୂପ ଆଜି ଦୁର୍ଲ୍ଲଭ ନହେଲେ ହେଁ ସହଜଲଭ୍ୟ ନୁହେଁ । ଏହିକଥାକୁ ଦୃଷ୍ଟିରେ ରଖି ଭଞ୍ଜ ସଙ୍ଗୀତରୁ କେତେଗୋଟି ଉକ୍ତ ପୁସ୍ତକରେ ମୁଁ ଉପସ୍ଥାପନା କରିଅଛି ।

ସଙ୍ଗୀତ ହେଉଛି ଦିବ୍ୟ ଚେତନାର ସୁଲଳିତ ସ୍ୱର ଝଙ୍କାର । ସ୍ଥିତି ତା'ର ଚେତନାର ଉଚ୍ଚତମ ଉଚ୍ଚତାରେ । ଗତିତା'ର ପରାଭୂମିରୁ ଅପରାଭୂମିକୁ । କେତେବେଳେ ତାହା ଝରିପଡ଼େ ବଲ୍ଲକୀର କମ୍ପନରୁ ତ ଆଉ କେତେବେଳେ କଚ୍ଛପୀର ଅନୁରଣନରୁ । ଏହା ମଣିଷର ପ୍ରାଣରେ ଶିହରଣ ଆଣିଦିଏ ଓ ମନରେ ଅନୁପମ ଆନନ୍ଦର ପ୍ଲାବନ ସୃଷ୍ଟିକରେ । ଯଥାଯୋଗ୍ୟ ସଙ୍ଗୀତ ସାଧନାରେ ପ୍ରଭାବ ହେତୁ ମାନବିକ ଅବବୋଧର ବଳୟ ସମ୍ପ୍ରସାରିତ ହୁଏ । ସଙ୍ଗୀତ ମାଧ୍ୟମରେ ଆତ୍ମସାକ୍ଷାତ୍କାର ପ୍ରତ୍ୟକ୍ଷ ଭାବରେ ସମ୍ଭବ ନହେଲେ ମଧ୍ୟ ସେଥିପାଇଁ ପରୋକ୍ଷ ଭାବରେ କିଛି ଉପାଦେୟ ଉପକରଣ ଯେ ମିଳିଥାଏ, ଏଥିରେ ଅତିରଞ୍ଜନ ନାହିଁ । ଶ୍ରୀମା'ଙ୍କ ମତରେ "The role of music lies in helping the consciousness to uplift itself towards the spiritual heights." ମାଧୁର୍ଯ୍ୟ, ଐଶ୍ୱର୍ଯ୍ୟ ଓ ସୌନ୍ଦର୍ଯ୍ୟର ତ୍ରିବେଣୀ ଧାରାରେ ସିକ୍ତ ଏ ଲଳିତ ବିଭବର ସୁକୁମାର ସ୍ପର୍ଶରେ ବାତାବରଣ ହୋଇଉଠେ ଅପାର୍ଥିବ ଭାବର ଏକ ସୁମଧୁର କାବ୍ୟ । ସଙ୍ଗୀତର ସମ୍ପର୍କ ସର୍ବଦା ଅନ୍ତଃ ଜୀବନ ସହିତ ଅନ୍ତରଙ୍ଗ । ଅବଶ୍ୟ ଏହି ସଙ୍ଗୀତ ଯଥାର୍ଥ ସଙ୍ଗୀତ ହେବା ଆବଶ୍ୟକ । ଯଥାର୍ଥ ସଙ୍ଗୀତର ସ୍ରଷ୍ଟା ଓ ଗାୟକ ଉଭୟ ଉଚ୍ଚ ଚେତନା ଓ ଭୌତିକ ଜଗତ ଭିତରେ ହୋଇଯାନ୍ତି ଏକ ସୁବର୍ଣ୍ଣ ସେତୁ । ସେତେବେଳେ ସଙ୍ଗୀତ ରଚନା ଓ ସାଧନା ହୋଇଯାଏ ଯୋଗ ସାଧନାର ଏକ ଅଙ୍ଗବିଶେଷ ।

Digitized by PPRACHIN, SOA

ସଙ୍ଗୀତର ଉଦ୍‌ଗମ ସ୍ତରକୁ ବା ଉତ୍ସକୁ ବିଚାରକୁ ନେଲେ ସଙ୍ଗୀତକୁ ତିନି ଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ ଆସେ ପ୍ରାଣର ଉତ୍ସରୁ, ଆଉ ଗୋଟିଏ ମାନସିକ ସ୍ତରରୁ ଏବଂ ଅନ୍ୟଟି ଆଧ୍ୟାତ୍ମିକତାର ଭୂମିରୁ । ତେବେ ଆଧ୍ୟାତ୍ମିକତାର ସ୍ତରରୁ ଆସିଥିବା ସଙ୍ଗୀତର ସ୍ୱରୂପ ସ୍ୱତନ୍ତ୍ର ଓ ପ୍ରଭାବ ମଧ୍ୟ ଭିନ୍ନ । ଏହା ଶ୍ରୋତା ଓ ଗାୟକଙ୍କର ଚେତନାକୁ ବିକଶିତ କରେ । ପ୍ରାଣିକ ଓ ମାନସିକ ଉତ୍ସରୁ ଆସିଥିବା ସଙ୍ଗୀତ ସର୍ବଦା ସ୍ରଷ୍ଟା, ଗାୟକ ଓ ଶ୍ରୋତାଙ୍କ ମନରେ ଉତ୍ସୁକତା ଓ ଆନନ୍ଦ ସୃଷ୍ଟି କରେ । ବହୁ ସମୟ ପର୍ଯ୍ୟନ୍ତ ତା'ର ପ୍ରଭାବ ନ ରହିଲେ ମଧ୍ୟ ବାରମ୍ବାର ଶୁଣିଲେ ବିରକ୍ତି ଆସେନାହିଁ, ବରଂ ଏକ ପ୍ରକାର ଅନୁରକ୍ତି ଆସେ ସେ ସଙ୍ଗୀତ ପ୍ରତି । ଧନଞ୍ଜୟଭଞ୍ଜ ଓ ଉପେନ୍ଦ୍ର ଭଞ୍ଜ ଉଭୟଙ୍କ ସଙ୍ଗୀତ ସଂରଚନାରେ ପ୍ରାଣିକ ଉତ୍ସ ଓ ମାନସିକ ଉତ୍ସର ମଧୁର ସମନ୍ୱୟ ସଂଗଠିତ ହୋଇଅଛି । ଧନଞ୍ଜୟ ଭଞ୍ଜଙ୍କର ସଙ୍ଗୀତଗୁଡ଼ିକ ମୁଦ୍ରିତ ଅବସ୍ଥାକୁ ଆସିନଥିବାରୁ ବିଶେଷ ଲୋକପ୍ରିୟ ହୋଇପାରି ନାହିଁ । ମାତ୍ର ଉପେନ୍ଦ୍ର ଭଞ୍ଜଙ୍କର ସଙ୍ଗୀତଗୁଡ଼ିକ ବହୁବାର ମୁଦ୍ରିତ ଓ ଗୀତ ହେବା ଦ୍ୱାରା ତାହା ଯଥେଷ୍ଟ ଲୋକପ୍ରିୟତା ଅର୍ଜନ କରିସାରିଛି । ଏହି ପରିପ୍ରେକ୍ଷୀରେ ସ୍ମରଣକୁ ଆସେ ଉତ୍କଳମଣି କବି ଗୋପବନ୍ଧୁଙ୍କର ଉକ୍ତିଟି –

"ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟ ମନା
ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା
ନୃତ୍ୟରଙ୍ଗେ ବାରାଙ୍ଗନା ।"

ଉକ୍ତ ପୁସ୍ତକର ପ୍ରଣୟନ ନିମନ୍ତେ ଅଭିମତ ପ୍ରଦାନ କରି ମୋତେ ଉତ୍ସାହିତ କରିଥିବାରୁ ସୁବକ୍ତା, ସୁଲେଖକ, ଭଞ୍ଜ ସାହିତ୍ୟର ଲବ୍ଧପ୍ରତିଷ୍ଠ ଆଲୋଚକ ତଥା ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର କବିପ୍ରସାଦ ମିଶ୍ର ମହୋଦୟଙ୍କୁ ମୋର କୃତଜ୍ଞତା ଜଣାଉଛି । ଗୁରୁପ୍ରତିମ ପ୍ରାକ୍ତନ ପ୍ରାଧ୍ୟାପକ ନାଟ୍ୟକାର, କବି ଓ ଗାଳ୍ପିକ ଶ୍ରୀଯୁକ୍ତ ରମେଶ ଦାସଙ୍କୁ ଅଭିମତ ନିମନ୍ତେ ମୋର ଅଶେଷ କୃତଜ୍ଞତା । ଓଡ଼ିଶାର ସ୍ୱନାମଧନ୍ୟ ସଙ୍ଗୀତଜ୍ଞ ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ପଣ୍ଡାଙ୍କର ସୁଚିନ୍ତିତ ପରାମର୍ଶ ନିମନ୍ତେ ମୁଁ ତାଙ୍କ ନିକଟରେ କୃତଜ୍ଞ । ବିଶିଷ୍ଟ ଚିତ୍ରଶିଳ୍ପୀ ଓ ଲିପିଶିଳ୍ପୀ ଦିନନାଥ ପାଠୀଙ୍କ ଅନୁପ୍ରେରଣା ଓ ପ୍ରଚ୍ଛଦପଟ ନିର୍ବାଚନ କ୍ଷେତ୍ରରେ ସହଯୋଗ ମୋତେ ଅନୁଗୃହୀତ କରାଇଛି । ଶ୍ରଦ୍ଧେୟ ଛାତ୍ର ଶ୍ରୀମାନ୍ ବିଭୁ ପ୍ରସୂନଙ୍କୁ ପ୍ରଚ୍ଛଦ ପ୍ରସ୍ତୁତିରେ ସହାୟତା ନିମନ୍ତେ ଧନ୍ୟବାଦ ଜଣାଉଛି । ବରିଷ୍ଠ ସାହିତ୍ୟିକ ଶ୍ରୀଯୁକ୍ତ ମହାପାତ୍ର ନୀଳମଣି ସାହୁ, ଶ୍ରୀଯୁକ୍ତ ସାତକୋଡ଼ି ହୋତା, ଡକ୍ଟର ଅର୍ଚ୍ଚନା ନାୟକ ଓ ଡକ୍ଟର ବାବାଜୀ ପଟ୍ଟନାୟକଙ୍କୁ ସେମାନଙ୍କ ପ୍ରେରଣା ନିମନ୍ତେ କୃତଜ୍ଞତା ଜଣାଉଛି । ପୁସ୍ତକ ପ୍ରଣୟନ ନିମନ୍ତେ ବହୁଭାବରେ ଉତ୍ସାହିତ କରିଥିବାରୁ ପ୍ରାଧ୍ୟାପକ ଅଜୟ କୁମାର ମହାନ୍ତି ଓ ରବି ମହାପାତ୍ରଙ୍କୁ ଆନ୍ତରିକ ଧନ୍ୟବାଦ । ସମ୍ମାନନୀୟ ସାହିତ୍ୟିକ ଶ୍ରୀଯୁକ୍ତ ବିମଳ ପ୍ରସନ୍ନ ଦାସ ଓ ବିଶିଷ୍ଟ ନାଟ୍ୟ ଶିଳ୍ପୀ ତଥା ସଙ୍ଗୀତ– ସାହିତ୍ୟପ୍ରେମୀ ଶ୍ରୀଯୁକ୍ତ ନାରାୟଣ ପରିଡ଼ାଙ୍କୁ ଏହି ଅବକାଶରେ କୃତଜ୍ଞତା ଜଣାଉଛି ।

ପୁସ୍ତକଟି ପାଠକୀୟ ସ୍ୱୀକୃତି ଲାଭ କଲେ ଶ୍ରମ ସାର୍ଥକ ମଣିବି ।

ଶରତ ଚନ୍ଦ୍ର ରଥ

ବାଣୀବିହାର

Digitized by PPRACHIN, SOA

ସୂଚୀପତ୍ର

୧. ଚଉପଦୀର ରୂପରେଖ ୧୩

୨. ରାଜକବି ଧନଞ୍ଜୟ ଭଞ୍ଜଙ୍କର ସଙ୍ଗୀତ : ଏକ ଅଧ୍ୟୟନ ୧୭

ଧନଞ୍ଜୟ ଭଞ୍ଜଙ୍କ ସଙ୍ଗୀତରୁ କିଛି...

୩. ନାଥର ହୃଦୟ ମୋର... ୨୭

୪ ନୟନ ପ୍ରତିମା ମୋର... ୨୭

୫. ଗୋ, ଦେଖିକି ନା ଶ୍ୟାମବନ୍ଧୁ ୨୮

୬. ନୀରଜ ମୁଖୀ ମୁଖେ ... ୨୯

୭. ଚନ୍ଦ୍ରମା ବଦନୀ କୁରଙ୍ଗୀ ନୟନୀ... ୨୯

୮. ନେତ୍ର ଅରୁଣ ଦିଶେ... ୩୦

୯. ମୋର ସଖୀ ବିରହୀ... ୩୦

୧୦. କୁଞ୍ଜେ ବାଉଛି ବେଣୁ.. ୩୦

୧୧. ଚନ୍ଦ୍ରମା ବଦନୀ କୋକିଳ ବଚନୀ... ୩୧

୧୨. ଗୋକୁଳ ତେଜିଗଲା... ୩୨

୧୪. ମୋର ଜୀବନ ଧନ... ୩୩

୧୫. ବାରିଦ କହ ପ୍ରିୟା ଛାମୁର... ୩୪

୧୬. କୋକିଳ କହ ପ୍ରିୟାକୁ... ୩୪

୧୭. କର କମଳ ତୋ... ୩୫

୧୮. କି କରୁଥିବ.. ୩୬

୧୯. ମଧୁ ଋତେ କାନ୍ତ... ୩୭

୨୦. ଦେଖି ନବଘନ... ୩୮

୨୧. ମଙ୍ଗଳ ଗୀତ–୧ ୪୦

୨୨. ମଙ୍ଗଳ ଗୀତ–୨ ୪୧

୨୩. ମଙ୍ଗଳ ଗୀତ–୩ ୪୨

୨୪. ମଙ୍ଗଳ ଗୀତ–୪ ୪୩

୨୫. ଉପେନ୍ଦ୍ରଭଞ୍ଜଙ୍କ ସଙ୍ଗୀତମାଳା : ଏକ ଅଧ୍ୟୟନ ୪୪

ଉପେନ୍ଦ୍ରଭଞ୍ଜଙ୍କ ସଙ୍ଗୀତରୁ କିଛି

୨୬. ମାନ ଉଦ୍ଧାରଣ କର... ୫୩

୨୭. ଜୟ ଜଗନ୍ନାଥ ୫୪

୨୮. ଆହେ ପ୍ରଭୁ କମଳାକାନ୍ତ... ୫୫

୨୯. ଶ୍ରୀମତୀ ଶ୍ରୀପତି... ୫୬

Digitized by PPRACHIN, SOA

୩୦. ରଖିଲା ମନ.. ୫୬
୩୧. ଆରେ ମଦାଳସା... ୫୭
୩୨. କେଳି ସଦନ ମଣ୍ଡି... ୫୮
୩୩. ଆଜ ଦେଖିଲିରେ... ୫୯
୩୪. ଆହା ମୋ ଲାବଣ୍ୟନିଧି... ୫୯
୩୫. ଆହା ମୋ ଜୀବନଧନୀ... ୬୦
୩୬. ନ କର ରେ ରାମା ମାନ... ୬୦
୩୭. ଦ୍ୱିତୀୟାଯାମନୀରେ... ୬୧
୩୮. ଏ ଘୋର ବରଷା... ୬୨
୩୯. ମୋ ରାମା ମନେ କି... ୬୨
୪୦. ଆଉ କାହା କର ଧରିବି... ୬୩
୪୧. ରମଣୀ ରତନ... ୬୩
୪୨. କମଳଲୋଚନା କରିଛି... ୬୪
୪୩. ରମଣୀ ରତନ ମେଘକୁ... ୬୫
୪୪. ବୀଣା–ଜିଣା ଭାରତୀ... ୬୬
୪୫. ଜାଣେ ଯେତେ ଭାବ... ୬୭
୪୬. କହ କି କରିବି... ୬୮
୪୭. କାଲି ରଜନୀ ଗୋ... ୬୯
୪୮. ମଲ୍ଲିମାଳ ଶ୍ୟାମକୁ ଦେବି... ୭୦
୪୯. ଦୂତୀ କହିବୁ ଗୋ... ୭୦
୫୦. ରମଣୀରତନ... ୭୧
୫୧. ବାଳାମଣି ଚାହିଁ... ୭୧
୫୨. ନୂଆ ନୂଆ ଦିନା କେତେ... ୭୨
୫୩. ସଙ୍ଗାତ, ମନାକଲି... ୭୩
୫୪. କିଏ ପକାଇଲା କାମ... ୭୩
୫୫. ବିଦେଶେ ନାୟକ... ୭୪
୫୬. କାନ୍ତ ବିନା ଦିବା ରଜନୀ.... ୭୬
୫୭. କନକ କନ୍ଦୁକ ମୋ ଚିତ୍ତ... ୭୬
୫୮. ଈଶ୍ୱର କଲେ ପାଇବି... ୭୮
୫୯. ରସେ ରସିକା.. ୭୯
୬୦. ବସି କାନ୍ହୁଥିବ... ୮୦

●●●

Digitized by PPRACHIN, SOA

ଚଉପଦୀର ରୂପରେଖ

ଆଲୋଚ୍ୟ ପୁସ୍ତକରେ ରାଜକବି ଧନଞ୍ଜୟ ଭଞ୍ଜ ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ସଙ୍ଗୀତଗୁଡ଼ିକରୁ କିଛି ସଂକଳିତ ହୋଇଛି । ସଂକଳିତ ଏହି ସଙ୍ଗୀତଗୁଡ଼ିକ ମୁଖ୍ୟତଃ ଚଉପଦୀ ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ସଙ୍ଗୀତଗୁଡ଼ିକର ଆଲୋଚନା ଅବକାଶରେ ଚଉପଦୀର ରୂପରେଖ ସମ୍ପର୍କରେ ପଦେ ଦୁଇପଦ ପର୍ଯ୍ୟାଲୋଚନା ଏକାନ୍ତ ଆବଶ୍ୟକ ।

ମୁଖ୍ୟତଃ ଚାରିପଦ ବିଶିଷ୍ଟ ଗୀତିକାକୁ ଚଉପଦୀ କୁହାଯାଏ । ଅବଶ୍ୟ କେତେକ ଚଉପଦୀରେ ଚାରିପଦରୁ ଅଧିକ ଦେଖିବାକୁ ମିଳେ । ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଭାଷାକୋଷରେ ଉଲ୍ଲେଖ କରାଯାଇଛି – ''ଚାରି ଓ କ୍ୱଚିତ ତତୋଽଧିକ ପଦ ବିଶିଷ୍ଟ ସଙ୍ଗୀତ ବା କବିତାକୁ ଚଉପଦୀ କୁହାଯାଏ ।'' ସଂସ୍କୃତରେ ଚାରିପଦ ବିଶିଷ୍ଟ ପଦ୍ୟ ରଚନାକୁ ଚତୁଃଷଦୀ ବୋଲି କୁହାଯାଏ । ଏହି ଚତୁଃଷଦୀ ଶବ୍ଦରୁ ଚଉପଦୀ ଶବ୍ଦର ଉଦ୍ଭବ ହୋଇଅଛି । ଓଡ଼ିଆ ଚଉପଦୀର ପଦ ସଂଖ୍ୟାରେ ଭିନ୍ନତା ଥିଲେ ହେଁ ସାଙ୍ଗୀତିକତା ହିଁ ପ୍ରତ୍ୟେକ ଚଉପଦୀର ଆତ୍ମା । ତେବେ ମୁଖ୍ୟତଃ ଚଉପଦୀ ହେଉଛି ଚାରିପାଦ ବିଶିଷ୍ଟ ଏକ ରଚନା । ଏହାର ପ୍ରତ୍ୟେକ ପଦକୁ ଭିନ୍ନ ଭିନ୍ନ ସ୍ୱତନ୍ତ୍ର ଅଙ୍ଗର ମର୍ଯ୍ୟାଦା ପ୍ରଦାନ କରାଯାଏ । ଯଥା : – ଧ୍ରୁବ, ଅନ୍ତରା, ସଞ୍ଚାରୀ ଓ ଆଭୋଗ । ପ୍ରଥମ ଅଙ୍ଗ ହେଉଛି ଧ୍ରୁବ, ଯାହାକୁ ଘୋଷା ପଦ ବା ସ୍ଥାୟୀ ପଦ ବୋଲି କୁହାଯାଏ । ଏହାକୁ ପ୍ରତିପଦର ଶେଷରେ ବାରମ୍ବାର ଗାନ କରାଯାଇଥାଏ । 'ଅନ୍ତରା'ରେ କବିଙ୍କର ବକ୍ତବ୍ୟ ଓ 'ସଞ୍ଚାରୀ'ରେ ଏହାର ପ୍ରତିଷ୍ଠା ରହିଥାଏ । 'ଆଭୋଗ ' ଅଂଶରେ କବିଙ୍କର ନାମ, ପରିଚିତି ଏବଂ ବିଭୁ ସ୍ମରଣ ଉପସ୍ଥାପିତ ହୋଇଥାଏ ।

ଓଡ଼ିଆ ଚଉପଦୀକୁ କଥାବସ୍ତୁ ଦୃଷ୍ଟିରୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ ହେଲା : ଅଲୌକିକ ଲୀଳାମୂଳକ ଓ ଅନ୍ୟଟି ଲୌକିକ ଲୀଳାମୂଳକ । ଅଲୌକିକ ଲୀଳାମୂଳକ ଚଉପଦୀର ଅନ୍ତର୍ଭୁକ୍ତ ହେଉଛି ମନଃ ଶିକ୍ଷାମୂଳକ ଚଉପଦୀ । ଏତଦ୍ ବ୍ୟତୀତ ରାଧାକୃଷ୍ଣ ଓ ଗୋପୀକୃଷ୍ଣ ଲୀଳା ବିଳାସ ଏହାର ମୁଖ୍ୟ ଉପଜୀବ୍ୟ ବିଷୟବସ୍ତୁ । ବୈଷ୍ଣବ ସାହିତ୍ୟରେ ବିପ୍ରଲମ୍ଭ ଶୃଙ୍ଗାର ଏକ ମହନୀୟ ବିଭବ ହୋଇଥିବାରୁ ଶ୍ରୀକୃଷ୍ଣ ଲୀଳାମୂଳକ ଚଉପଦୀରେ ଏହି ବିପଲମ୍ଭ ଶୃଙ୍ଗାର ଅଧିକ ମାନ୍ୟତା ପ୍ରାପ୍ତ ହୋଇଥାଏ ।

Digitized by PPRACHIN, SOA

ସେଗୁଡ଼ିକ ଏହିପରି –

୧) ପୂର୍ବରାଗ ବର୍ଣ୍ଣନାମୂଳକ
୨) ମାନ ବର୍ଣ୍ଣନାମୂଳକ
୩) ପ୍ରେମବୈଚିତ୍ତ୍ୟ ବର୍ଣ୍ଣନାମୂଳକ
୪) ପ୍ରବାସ ବର୍ଣ୍ଣନାମୂଳକ

୧) ପୂର୍ବରାଗ –

ନାୟକ ଓ ନାୟିକାଙ୍କ ଭିତରେ ମିଳନ ପୂର୍ବରୁ ସୃଷ୍ଟି ହେଉଥିବା ଅନୁରାଗକୁ ପୂର୍ବରାଗ କୁହାଯାଏ । ଶଙ୍କା ଓ ଔତ୍ସୁକ୍ୟ ଆଦିକୁ ପୂର୍ବରାଗର ସଞ୍ଚାରୀ ଭାବରେ ଗ୍ରହଣ କରାଯାଏ । ସଂକ୍ଷେପରେ ପୂର୍ବରାଗକୁ ଦର୍ଶନାନୁରାଗ, ନାମାନୁରାଗ ଓ ବଂଶୀ ଅନୁରାଗ ଶୀର୍ଷକ ଭେଦରେ ବିଭାଜନ କରାଯାଇଥାଏ । ତେବେ କେହିକେହି ଏହାକୁ ଆଠ ଭାଗରେ ବିଭକ୍ତ କରିଥାନ୍ତି । ଯଥା – ସାକ୍ଷାତ୍ ଦର୍ଶନ, ଚିତ୍ରପଟ ଦର୍ଶନ, ସ୍ୱପ୍ନ ଦର୍ଶନ, ଭାଟମୁଖରୁ ଶ୍ରବଣ, ଦୂତିମୁଖରୁ ଶ୍ରବଣ, ସଖୀମୁଖରୁ ଶ୍ରବଣ, ଗୁଣୀଙ୍କ ଗାନରୁ ଶ୍ରବଣ ଓ ବଂଶୀଧ୍ୱନିରୁ ଶ୍ରବଣ ଜନିତ ।

୨) ମାନ –

ନାୟକ ଓ ନାୟିକାଙ୍କ ଭିତରେ ସୃଷ୍ଟି ହେଉଥିବା ପ୍ରଣୟ ସମ୍ପର୍କିତ ନୀରବ ମନୋମାଳିନ୍ୟକୁ ମାନ ଆଖ୍ୟା ଦିଆଯାଏ । ସାଧାରଣତଃ ଏହାକୁ ପ୍ରଣୟମାନ ଓ ଈର୍ଷାମାନ– ଏପରି ଦୁଇଭାଗରେ ବିଭକ୍ତ କରାଯାଏ । ବୈଷ୍ଣବ ସାହିତ୍ୟରେ ମୁଖ୍ୟତଃ ଯେଉଁସବୁ କାରଣରୁ 'ମାନ' ସୃଷ୍ଟି ହୁଏ ତାହା ଭିତରେ ଶୁକ ମୁଖରୁ ଶ୍ରବଣ, ପ୍ରିୟତମଙ୍କ ଅଙ୍ଗରେ ସମ୍ଭୋଗ ଚିହ୍ନ ଦର୍ଶନ, ଅନ୍ୟ କୁଞ୍ଜରେ ବଂଶୀଧ୍ୱନି ଶ୍ରବଣ ପ୍ରଭୃତି ଅନ୍ତର୍ଭୁକ୍ତ ।

୩) ପ୍ରେମବୈଚିତ୍ତ୍ୟ

ଏହା ହେଉଛି ସମ୍ଭୋଗର ଅନ୍ୟତମ କ୍ରିୟା । ବିରହର ଆଶଙ୍କା ଏଥିରେ ମୂର୍ତ୍ତିମନ୍ତ । ପ୍ରେମଜନିତ ବିକ୍ଷିପ୍ତ ଚିତ୍ତବୃତ୍ତିକୁ ପ୍ରେମବୈଚିତ୍ତ୍ୟ କୁହାଯାଏ । ରାଧାକୃଷ୍ଣଲୀଳାମୃତ ଚଉପଦୀରେ ଏହାର ତୀବ୍ରତା ଅନୁଭୂତ ହୁଏ । ବଂଶୀ ପ୍ରତି, ଦୂତୀ ପ୍ରତି, ସଖୀ ପ୍ରତି ତଥା ଭାଗ୍ୟ ପ୍ରତି ଦୋଷାରୋପକୁ ଏହି ବିଭାଗର ପରିସରଭୁକ୍ତ କରାଯାଏ ।

୪) ପ୍ରବାସ

ନାୟକର ଦେଶାନ୍ତର ଜନିତ ଯେଉଁ ବିଚ୍ଛେଦ ଓ ବିରହ ସୃଷ୍ଟି ହୁଏ ତାହାକୁ ପ୍ରବାସ କୁହାଯାଏ । ବିପ୍ରଲମ୍ଭ ଶୃଙ୍ଗାରରେ ଏହାକୁ କେହି କେହି ପ୍ରବାସ ପରିବର୍ତ୍ତେ 'ମାଥୁର' ବୋଲି

Digitized by PPRACHIN, SOA

କହିଥାନ୍ତି । ଶ୍ରୀକୃଷ୍ଣ ମଥୁରାକୁ ଯିବା ପରେ ଗୋପିଗଣ ଓ ଶ୍ରୀରାଧାଙ୍କ ମନରେ ଯେଉଁ ବିରହ ଭାବନା ସୃଷ୍ଟି ହୋଇଥିଲା, ବୈଷ୍ଣବ ସାହିତ୍ୟରେ ତାହାକୁ 'ମାଥୁର' ବୋଲି କୁହାଯାଏ । ଏହି 'ମାଥୁର'ର ପ୍ରଭାବ ଓଡ଼ିଆ ଚଉପଦୀରେ ଅଧିକ ପରିମାଣରେ ପରିଦୃଷ୍ଟ ହୁଏ ।

ଶୃଙ୍ଗାର ରସ ବ୍ୟତୀତ ବାତ୍ସଲ୍ୟ ଓ ଶାନ୍ତ ରସକୁ ଭିତ୍ତି କରି କେତେକ ଚଉପଦୀ ଓଡ଼ିଆରେ ଲେଖାଯାଇଛି । ତେବେ ମୃତ୍ୟୁଜନିତ କାରୁଣ୍ୟ ଭିତ୍ତିକ ଚଉପଦୀ ଓଡ଼ିଆରେ ପ୍ରାୟ ପରିଦୃଷ୍ଟ ହୁଏ ନାହିଁ । ବିରହ ଜନିତ କାରୁଣ୍ୟର ପଦ ଧ୍ୱନି ବହୁ ଚଉପଦୀରେ ଶୁଣିବାକୁ ମିଳେ ।

ଲୌକିକ ପ୍ରେମମୂଳକ ଚଉପଦୀ

ଏପରି ଚଉପଦୀରେ ନାୟକ ନାୟିକାଙ୍କର ନାମୋଲ୍ଲେଖ ପ୍ରାୟତଃ ନଥାଏ । କେବଳ ଥାଏ ପାରସ୍ପରିକ ବିରହ ଓ ମିଳନଜନିତ ସ୍ମୃତି ଓ ଅନୁଭୂତିର ଚାରୁଚିତ୍ର । ଏଗୁଡ଼ିକୁ ମୁଖ୍ୟତଃ ଚାଟୂକ୍ତିଭିତ୍ତିକ, ବିରହାନୁଚିନ୍ତା ଭିତ୍ତିକ, ସମ୍ଭୋଗ ସ୍ମୃତି ଭିତ୍ତିକ ଏବଂ ମିଳନାନନ୍ଦ ଭିତ୍ତିକ ଚଉପଦୀ ଭାବରେ ବିଚାର କରାଯାଏ । ନାୟକର ପ୍ରବାସ ରହଣି ଜନିତ ବିରହ ଭାବନା ଏଗୁଡ଼ିକରେ ଅଧିକ ଭାବରେ ଉପସ୍ଥାପିତ ହୋଇଥାଏ । ବିରହିଣୀ ନାୟିକାର ତନୁକୃଶତା, କାମୋବିକାର ଓ ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା କଥା ଏଥିରେ ଚିତ୍ରିତ ହୋଇଥାଏ । କେତେକ ଚଉପଦୀରେ ସମ୍ଭୋଗକାଳୀନ ସ୍ମୃତିଚାରଣ କରି ନାୟକ ମାନସିକ ଶାନ୍ତି ଲାଭ କରିଥିବାବେଳେ ଅନ୍ୟ କେତେକ ଚଉପଦୀରେ ନାୟିକାର ରୂପ ଓ ଗୁଣକୁ ନାୟକ ଶତମୁଖରେ ପ୍ରଶଂସା କରିଥିବାର ଦେଖାଯାଏ ।

ଏକଥା ବହୁଭାବରେ ଆଲୋଚିତ ଯେ ଓଡ଼ିଆ ଚଉପଦୀ ସାହିତ୍ୟ ମୁଖ୍ୟତଃ ଶୃଙ୍ଗାର ରସରେ ରସାଣିତ ହୋଇଛି । ବିଶେଷତଃ ମଧ୍ୟଯୁଗରେ ସାହିତ୍ୟ ସର୍ଜନାର ମୁଖ୍ୟ ପ୍ରବୃତ୍ତି ଥିଲା ଶୃଙ୍ଗାରିକତା । ତାହା ରାଜକୀୟ ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା କହିଲେ ଅତିରଞ୍ଜନ ହେବନାହିଁ ।

ଓଡ଼ିଆ ସାହିତ୍ୟରେ ଚଉପଦୀର ପ୍ରକାଶ ସମୟ ସମୁଚିତ ଭାବରେ ନିର୍ଣ୍ଣିତ ହୋଇ ନପାରିଲେ ମଧ୍ୟ ଏହା ସ୍ୱୀକୃତ ଯେ ରାଜା କପିଳେନ୍ଦ୍ର ଦେବଙ୍କର ସଂସ୍କୃତ ନାଟକ 'ପର୍ଶୁରାମ ବିଜୟ'ରେ ପ୍ରଦତ୍ତ ଗୀତଟି ଓଡ଼ିଆ ସାହିତ୍ୟର ପ୍ରଥମ ଚଉପଦୀ । "କେବଣ ମୁନି କୁମାର/ ପରଶୁ ଦକ୍ଷିଣ କର" ରଚନାଟି ଏହି ପରିପ୍ରେକ୍ଷୀରେ ସର୍ବପ୍ରଥମ ଚଉପଦୀର ମାନ୍ୟତା ପ୍ରାପ୍ତ ହୋଇଅଛି । ପରବର୍ତ୍ତୀ କାଳରେ ଓଡ଼ିଶାର ରାଜନୀତିକ, ସାମାଜିକ, ଧାର୍ମିକ ତଥା ସାଂସ୍କୃତିକ ବାତାବରଣ ବହୁ ଆଲୋଡ଼ନର ସମ୍ମୁଖୀନ ହୋଇଛି । ଷୋଡ଼ଶ ଶତାବ୍ଦୀରେ ଓଡ଼ିଶାକୁ ଚୈତନ୍ୟଙ୍କର ଆଗମନ ଏବଂ ଓଡ଼ିଶାରେ ରାଗାନୁଗା ଭକ୍ତିର ପ୍ରଚାର ବହୁ ଭାବରେ ଉତ୍କଳୀୟ ଜନ ଜୀବନରେ ଆଲୋଡ଼ନ ସୃଷ୍ଟି କରିଛି । ଫଳତଃ ଓଡ଼ିଆ ସାହିତ୍ୟରେ ରାଧାକୃଷ୍ଣ ଓ

Digitized by PPRACHIN, SOA

ଗୋପୀକୃଷ୍ଣଙ୍କ ପରକୀୟା ପ୍ରେମ ଅଧିକରୁ ଅଧିକ ପ୍ରତିଷ୍ଠା ଅର୍ଜନ କରିଛି । ତଥାପି ଉତ୍କଳୀୟ ଜନମାନସରୁ ଜ୍ଞାନ ମିଶ୍ରା ଭକ୍ତି ସମ୍ପୂର୍ଣ୍ଣ ଲୁପ୍ତ ହୋଇନାହିଁ । ଏହାର ବଳିଷ୍ଠ ପ୍ରମାଣ ହେଉଛି ଜଗନ୍ନାଥ ଦାସଙ୍କ ରଚିତ 'ଷୋଳଚଉପଦୀ' । ଏଥିରେ ଷୋଳ ଗୋଟି ରାଗକୁ ଆଶ୍ରୟ କରି ସଂରଚିତ କ୍ଷୁଦ୍ର କ୍ଷୁଦ୍ର ଗୀତ ସନ୍ନିବେଶିତ ହୋଇଛି । ଚୋଖୀ, ଗୁଜ୍ଜରୀ, ମଙ୍ଗଳ ଗୁଜ୍ଜରୀ, ବିଭାସ ଗୁଜ୍ଜରୀ, ବସନ୍ତ ଓ ଆଷାଢ଼ ଶୁକ୍ଳ ଇତ୍ୟାଦି ରାଗ ଏକାଧିକବାର ବ୍ୟବହୃତ ହୋଇଅଛି । ଅନୁଶୀଳନରୁ ଜଣାଯାଏ ଯେ ଜଗନ୍ନାଥଙ୍କ 'ଷୋଳ ଚଉପଦୀ'ରେ ପ୍ରଥମେ ଚଉପଦୀ ଶବ୍ଦ ବ୍ୟବହୃତ ହୋଇଛି । ସାରଳା ଓ ପଞ୍ଚସଖା ଯୁଗରେ ଓଡ଼ିଆ ଚଉପଦୀ ସାହିତ୍ୟ ପ୍ରାୟତଃ ସମୃଦ୍ଧ ହୋଇନାହିଁ । କାବ୍ୟ ଯୁଗରେ ବା ରୀତି ଯୁଗରେ ଏହାର ସମ୍ୟକ ସୃଷ୍ଟି ଓ ପ୍ରତିଷ୍ଠା ଲକ୍ଷ୍ୟ କରିହୁଏ । ଏହି ଯୁଗରେ ଯେଉଁମାନେ ଚଉପଦୀର ସ୍ରଷ୍ଟା ଥିଲେ ସେମାନଙ୍କ ଭିତରେ ଧନଞ୍ଜୟ ଭଞ୍ଜ, ସାଲବେଗ, ଫକୀର ଭଞ୍ଜ, ରଘୁନାଥ ରାଜ ହରିଚନ୍ଦନ, ନୃସିଂହ ପଟ୍ଟନାୟକ, ଦୀନକୃଷ୍ଣ ଦାସ, ଦୀନବନ୍ଧୁ ରାଜ ହରିଚନ୍ଦନ, ନୀଳକଣ୍ଠ ଭଞ୍ଜ, ଉପେନ୍ଦ୍ର ଭଞ୍ଜ, ବିଶ୍ୱନାଥ ଖୁଣ୍ଟିଆ, ବନମାଳୀ ଦାସ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, କିଶୋର ଚନ୍ଦ୍ର ରାଜେନ୍ଦ୍ର, କୃଷ୍ଣଚନ୍ଦ୍ର ରାଜେନ୍ଦ୍ର, କବିସୂର୍ଯ୍ୟ ବଳଦେବ ରଥ, ଗୋପାଳକୃଷ୍ଣ ପଟ୍ଟନାୟକ, ଯଦୁମଣି ମହାପାତ୍ର, ବୀରକିଶୋର ଦେବ ଅନ୍ତର୍ଭୁକ୍ତ । ଚଉପଦୀଗୁଡ଼ିକ ବିଶେଷତଃ ଦକ୍ଷିଣ ଓଡ଼ିଶାରେ ସଖୀନାଚ ବା ଗୋଟିପୁଅ ନାଚ ମାଧ୍ୟମରେ ଅଧିକ ପରିବେଷିତ ହୋଇ ଲୋକପ୍ରିୟତା ଅର୍ଜନ କରିଥିଲା ।

ସାଙ୍ଗୀତିକତା ଚଉପଦୀଗୁଡ଼ିକର ଆତ୍ମା ହୋଇଥିବାରୁ ରାଗରାଗିଣୀର ମହତ୍ତ୍ୱ ଏଥିରେ ସର୍ବାଧିକ । ସ୍ରଷ୍ଟାମାନେ ଭିନ୍ନ ଭିନ୍ନ ରାଗର ଅବଲମ୍ବନରେ ଚଉପଦୀ ଗୁଡ଼ିକୁ ରଚନା କରିଥିଲେ । ଏଥିରୁ ସେମାନଙ୍କର ତାଳ ଓ ରାଗରେ ଥିବା ବ୍ୟୁତ୍ପତ୍ତିକୁ ଅନୁଭବ କରାଯାଇପାରେ । ସେହି ରାଗଗୁଡ଼ିକ ମଧ୍ୟରେ *ଆନନ୍ଦ ଭୈରବ, ଆଶାବରୀ, ଆହାରୀ, କଉଶିକ, କଳହଂସ କେଦାର, କଲ୍ୟାଣ, କନଡ଼ା, କରୁଣାଶ୍ରୀ, କାଫି, କାଳି, କେଦାର, କୁମ୍ଭକାମୋଦୀ, କେଦାର କାମୋଦୀ, କେଦାର ଗଉଡ଼ା, ଚିନ୍ତା କେଦାର, ଘଣ୍ଟା ରାବ, ଚିନ୍ତା ମୁଖାରୀ, ଜୟ ଜୟନ୍ତୀ, ତୋଡ଼ି ପରଜ, ଧନାଶ୍ରୀ, ଦେଶାକ୍ଷ, ପୂରବୀ, ପାହାଡ଼ୀ, ପଞ୍ଚମ ବରାଡ଼ି, ବସନ୍ତ, ବଙ୍ଗଳାଶ୍ରୀ, ଭୈରବ, ଭାଟିଆରୀ, ମୁଖାରୀ, ମରୁଆ, ମାଳଶ୍ରୀ, ସିନ୍ଧୁଦେଶାକ୍ଷ, ଶଙ୍କରାଭରଣ, ସାବେରୀ* ପ୍ରଭୃତି ଅନ୍ତର୍ଭୁକ୍ତ । ଆଧୁନିକ ଯୁଗରେ ଚଉପଦୀ ରଚିତ ହେଲେ ହେଁ ପରିମାଣ ଦୃଷ୍ଟିରୁ ତାହା ସ୍ୱଳ୍ପ ଏବଂ ଗୁଣାତ୍ମକତା ଦୃଷ୍ଟିରୁ ତାହା ବୈଚିତ୍ର୍ୟ ରହିତ । ଚଉପଦୀର ପ୍ରକାଶ ଓ ବିକାଶ ଧାରାର ବିବେଚନା ଅଧିକରୁ ଅଧିକ ଅନୁଧ୍ୟାନ ଓ ଗବେଷଣାର ଅପେକ୍ଷା ରଖେ ଏଥିରେ ସନ୍ଦେହର ଅବକାଶ ନାହିଁ ।

●●●

Digitized by PPRACHIN, SOA

ରାଜକବି ଧନଞ୍ଜୟ ଭଞ୍ଜଙ୍କର ସଙ୍ଗୀତ : ଏକ ଅଧ୍ୟୟନ

ଓଡ଼ିଆ ସାହିତ୍ୟରେ ରୀତିଯୁଗ ସୁବର୍ଣ୍ଣ ଯୁଗର ଗୌରବରେ ଗୌରବାନ୍ୱିତ । କଥାବସ୍ତୁର ନିର୍ମଳ ନିର୍ଯ୍ୟାସ, ଭାଷାର ବିମୁଗ୍‌ଧ ବିନ୍ୟାସ ଓ ଛନ୍ଦର ବିମଳ ବିଳାସ ମଧ୍ୟରେ ରୀତି ସାହିତ୍ୟର ବିଶେଷତ୍ୱ ପରିବ୍ୟାପ୍ତ । ଓଡ଼ିଆ ରୀତିସାହିତ୍ୟକୁ ବଳିଷ୍ଠ ତଥା ପରିପୁଷ୍ଟ କରିବା ଦିଗରେ ଘୁମୁସର ଭଞ୍ଜ ବଂଶର ଅବଦାନ ଅବିସ୍ମରଣୀୟ । ଏହି ଭଞ୍ଜବଂଶ ଲତାରେ ରାଜକବି ଧନଞ୍ଜୟ ଭଞ୍ଜଙ୍କର ସାହିତ୍ୟ ସ୍ରଷ୍ଟା ଭାବରେ ସ୍ଥିତି ସ୍ୱତନ୍ତ୍ର ଓ ସୁଦୃଢ଼ । ଜୀବନ ଥିଲା ତାଙ୍କର ସାରସ୍ୱତ ଆରାଧନା ପାଇଁ ଏକ ପବିତ୍ର ତୀର୍ଥ । ତାଙ୍କ ଜନ୍ମଗତ ସୃଜନଶୀଳ ପ୍ରତିଭାକୁ ଅଭିବ୍ୟକ୍ତ କରିବା ଦିଗରେ ପରିବେଶ ଗତ ସୌନ୍ଦର୍ଯ୍ୟର ପ୍ରଭାବ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଗଞ୍ଜାମର ପ୍ରାକୃତିକ ପରିବେଶରେ ମଧୁରିମାର ଲଳିତ ସ୍ପର୍ଶକୁ ଅନୁଭବ କରି କୁଳମଣି ଦାଶ କାବ୍ୟତୀର୍ଥ କହନ୍ତି, ‘‘କବିତ୍ୱର ସ୍ଫୁରଣ ପାଇଁ ଯେଉଁ ଯେଉଁ ଅବସ୍ଥା ଅନୁକୂଳ ଗଞ୍ଜାମରେ ସେ ସମସ୍ତ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ ଥିଲା ପରି ମନେ ହୁଏ । ଗଞ୍ଜାମ ଜିଲ୍ଲାର ପ୍ରାକୃତିକ ଅବସ୍ଥାନ ବଡ଼ ହୃଦୟସ୍ପର୍ଶୀ । ଏହାର ଏକ ଦିଗରେ ‘ପ୍ରକୃତିର ଚାରୁଚିତ୍ରଶାଳା’, ‘ଶୋକପାଶୋରା ଅପ୍‌ସରା ଭୁବନ’ ଚିଲିକା ହ୍ରଦ ଓ ବଙ୍ଗୋପସାଗରର ନୀଳଫେନାକୁଳ ତୁଙ୍ଗତରଙ୍ଗ ଭଙ୍ଗୁର ସୁବିସ୍ତୃତ ବେଳା ପ୍ରଦେଶର ତମାଳତାଳୀବନରାଜିର ଶ୍ୟାମାୟମାନ ମାଧୁରୀ, ଅନ୍ୟ ଦିଗରେ ଅଭ୍ରଙ୍କଶ ମହେନ୍ଦ୍ରାଚଳର ନେତ୍ରବିନୋଦନ ସୁନୀଳ ପ୍ରଶାନ୍ତ ସ୍ୱର୍ଗୀୟ ଶୋଭା ନିତାନ୍ତ ସରସ ହୃଦୟକୁ ସୁଦ୍ଧା ନବୀନଭାବ ରାଜିରେ ପୂର୍ଣ୍ଣକରିଦିଏ ।’’

ଘୁମୁସର ଅଞ୍ଚଳ ନିଜସ୍ୱ ପ୍ରାକୃତିକ ସୁଷମାରେ କବି ଶେଖର ଚିନ୍ତାମଣିଙ୍କ ସ୍ପର୍ଶକାତର କବିଚିତ୍ତରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା । ମନ୍ତ୍ରମୁଗ୍‌ଧ କବିଙ୍କ କଣ୍ଠରେ ଝଙ୍କୃତ ହୋଇଥିଲା ଘୁମୁସରର ପ୍ରଶସ୍ତି ।

Digitized by PPRACHIN, SOA

କବିଙ୍କ ଭାଷାରେ-

"ଅଥବା ଗଞ୍ଜାମ ସୌନ୍ଦର୍ଯ୍ୟ ପୁସ୍ତିକା
ଘୁମୁସର ତାର ସୁବୋଧିନୀ ଟୀକା
ଶଶାଙ୍କ ମଣ୍ଡଳୀ ଉତ୍କଳ – ଧରଣୀ
ଗଞ୍ଜାମ ତା' ମଧ୍ୟେ ପୂର୍ଣ୍ଣ ନିଶାମଣିର
ଘୁମୁସର ଜ୍ୟୋତ୍ସ୍ନା ସେ ନିଶାମଣିର
ଅତ୍ୟୁକ୍ତି ବର୍ଣ୍ଣନା ନୁହେଁ ଏହି ଗିର"

ରାଜକବି ଧନଞ୍ଜୟ ଭଞ୍ଜ ଜନ୍ମଗ୍ରହଣ କରିଥିଲେ ଏହି ଘୁମୁସର ରାଜବଂଶରେ ଖ୍ରୀ:୧୬୧୧ ମସିହାରେ । ଫାଲଗୁନ୍ ଶୁକ୍ଳପକ୍ଷ ଦଶମୀ ଶୁକ୍ରବାର ବୃଷ ଲଗ୍ନରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଗୋପୀନାଥ ଭଞ୍ଜ । ସାନଭାଇ ଗୋପୀନାଥ ପାଟରାଜା ଥିଲେ । ଗୋପୀନାଥ ଭଞ୍ଜ ତାଙ୍କ ବଡ଼ ଭାଇଙ୍କୁ ହତ୍ୟା କରି ୧୬୧୪ ଖ୍ରୀ.ଅ.ରେ ସିଂହାସନ ଆରୋହଣ କରିଥିଲେ । ଧନଞ୍ଜୟ ଭଞ୍ଜଙ୍କର ନାମକରଣ ସମ୍ପର୍କରେ ଏକ କିମ୍ବଦନ୍ତି ଶୁଣାଯାଏ ଯେ ଥରେ ଜଣେ ସନ୍ନ୍ୟାସୀ ଘୁମୁସର ଭ୍ରମଣରେ ଆସିଥିଲେ । ଗୋପୀନାଥ ଭଞ୍ଜ ସେହି ସନ୍ନ୍ୟାସୀଙ୍କୁ ନିଜର ଭବିଷ୍ୟତ ଓ ପୁତ୍ରର ଭବିଷ୍ୟତ କଥା ପଚାରିବାରୁ ସେ କହିଲେ ଯେ ଗୋପୀନାଥ ଭଞ୍ଜ ରାଜା ହେବେ ଓ ନାମର ସାର୍ଥକତା ଅର୍ଜନ କରିବେ । ଗୋପୀନାଥ ଭଞ୍ଜ ସେହି ସନ୍ନ୍ୟାସୀଙ୍କ କଥା ଅନୁସାରେ ପୁତ୍ରର ନାମ ଧନଞ୍ଜୟ ରଖିଲେ । ଗୋପୀନାଥ ଭଞ୍ଜଙ୍କର ଚାରିଗୋଟିପୁତ୍ର ଥିଲେ । ସେମାନେ ହେଲେ ୧-ଧନଞ୍ଜୟ ଭଞ୍ଜ, ୨-ଗୋବିନ୍ଦ ଭଞ୍ଜ, ୩-ବଳଭଦ୍ର ଭଞ୍ଜ ଛୋଟରାୟ, ୪- ନିଧି ଭଞ୍ଜ ସାମନ୍ତ ସିଂହାର । ପିତାଙ୍କର ମୃତ୍ୟୁ ପରେ ଜ୍ୟେଷ୍ଠପୁତ୍ର ଧନଞ୍ଜୟ ଭଞ୍ଜ ୧୫୫୮ ଶକାବ୍ଦ ଅର୍ଥାତ୍ ୧୬୩୬ ମସିହାରେ ସିଂହାସନ ଆରୋହଣ କଲେ । ଧନଞ୍ଜୟଙ୍କର ବାଲ୍ୟଜୀବନ ଆନନ୍ଦରେ ଅତିବାହିତ ହୋଇଥିଲା । ପିତା ଗୋପୀନାଥ ଭଞ୍ଜ ପାଞ୍ଚବର୍ଷ ବୟସରେ ପୁତ୍ର ଧନଞ୍ଜୟଙ୍କର ବିଦ୍ୟା ଶିକ୍ଷା ଆରମ୍ଭ କରାଇଥିଲେ । ଧନଞ୍ଜୟ ଖୁବ୍ କମ୍ ବୟସରେ ବହୁ ବିଦ୍ୟା ଆୟତ୍ତ କରିବାର ଦକ୍ଷତା ଅର୍ଜନ କରିଥିଲେ । ରାଜକୁମାର ଧନଞ୍ଜୟ କିପରି ସୁଶିକ୍ଷିତ ଓ ରାଜନୀତି ବିଶାରଦ ହେବେ ସେଥିପାଇଁ ଗୋପୀନାଥ ଭଞ୍ଜ ବିଶେଷ ଯତ୍ନ କରିଥିଲେ । ଧନଞ୍ଜୟ ଏକାଧାରରେ ଥିଲେ ରାଜା ଓ କବି । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ତାଙ୍କ ଦ୍ୱାରା ବହୁ ଭାବରେ ପ୍ରଭାବିତ ହୋଇଥିଲେ ଓ ତାଙ୍କୁ କାବ୍ୟ ଗୁରୁ ରୂପରେ ସ୍ୱୀକାର କରିଥିଲେ ।

Digitized by PPRACHIN, SOA

ଉପେନ୍ଦ୍ରଙ୍କ ଭାଷାରେ –

"ସେ କୁଳେ ନୃପ ଧନଞ୍ଜୟ
ସକଳ ଗୁଣର ନିଳୟ
ଘୁମୁସର ଅଧିପ ପଣେ
ଲୋକେ ବିଖ୍ୟାତ କବିଗୁଣେ
ତଦ୍‌ବତ୍ ତାହାଙ୍କ ତନୁଜ
ନରେଶ ନୀଳକଣ୍ଠ ଭଞ୍ଜ
ତାହାଙ୍କ ଜ୍ୟେଷ୍ଠ ସୁତ ମୁହିଁ
ଉପେନ୍ଦ୍ର ଭଞ୍ଜ ନାମ ବହି ।"

ଧନଞ୍ଜୟଙ୍କ ପୂର୍ବରୁ ଓଡ଼ିଆରେ ଚଉପଦୀର ସ୍ଥିତି ଥିଲା । ମାତ୍ର ଧନଞ୍ଜୟ ସ୍ୱରଚିତ ଚଉପଦୀଗୁଡ଼ିକରେ ପ୍ରୀତିର ରସାଳଭାବବିନ୍ୟାସ ଯେପରି ଘଟାଇଲେ ତାହାର ପଟାନ୍ତର ନାହିଁ । ଧର୍ମରୁ ରୀତିସାହିତ୍ୟ କେତେକ ପରିମାଣରେ ବିଚ୍ଛିନ୍ନ ହେଲା ଏବଂ ପ୍ରେମର ଅଖଣ୍ଡ ଆଧିପତ୍ୟ ତହିଁରେ ବିସ୍ତୃତି ଲାଭ କଲା । ପ୍ରେମ ହେଉଛି ଜୀବନର ଏକ ବିଶିଷ୍ଟ ବିଭବ ଯାହାର ଭିତ୍ତିଭୂମି ଭାବରେ ଅନୁରାଗ ସ୍ୱୀକୃତ ଓ ସମ୍ମାନିତ । ଜୀବନ ପ୍ରତି ଅନୁରାଗ, ଜଗତ ପ୍ରତି ଅନୁରାଗ ହିଁ ଏହି ପ୍ରେମର ଭିତ୍ତି ଓ ଭୂତି । ଆନନ୍ଦର ଉଦାର ମଧୁର ରୂପଟି ଏଥିରେ ସଂଗୁପ୍ତ ହୋଇଥାଏ । ପ୍ରେମରେ ନିହିତ ଅଛି ସାର୍ଥକ ଜୀବନଚର୍ଯ୍ୟାର ସମ୍ମୋହନ ମନ୍ତ୍ରମାଳା । ସାଗରର ଉଚ୍ଛୁଳା ତରଙ୍ଗରେ, ଝରଣାର ସ୍ୱର ଝଙ୍କାରରେ, ବର୍ଷାର ତାନରେ, ଜୋଛନାର ଲାଜ ଲାଜ ଭାବରେ, ଆକାଶର ନୀଳିମା ଭିତରେ, ତାରାଫୁଲର ସଂଯୋଜନାରେ ପ୍ରେମ ହିଁ ମୁଖ୍ୟ ଅନୁଭବ୍ୟ ଉପାଦାନ । ଜରା, ରୋଗ, ଶୋକ, ଦୁଃଖ ତଥା ମୃତ୍ୟୁର କବଳରେ କବଳିତ ପ୍ରାଣଟିଏ ପାଇଁ ବଞ୍ଚିବାର ଏକମାତ୍ର ଦିବ୍ୟ ଉପକରଣ ହିଁ ପ୍ରେମ। ପ୍ରେମରେ ବାଧା ନାହିଁ, ବନ୍ଧନ ନାହିଁ ବା ଅନୁଶୋଚନା ଯେ ନାହିଁ ଏପରି ନୁହେଁ । କିନ୍ତୁ ସେ ବାଧା, ବନ୍ଧନ ଓ ଅନୁଶୋଚନା ଭିନ୍ନ ସ୍ୱାଦର ।

ବିଭୁ ପ୍ରେମ ହେଉଛି ସର୍ବଶ୍ରେଷ୍ଠ ପ୍ରେମ । ତାକୁ ପ୍ରାପ୍ତ ହେବା ନିମନ୍ତେ ମାନ୍‌ବିକ ପ୍ରେମର ମାଧମ ବରଣୀୟ । ଏହି ଚରମ ସତ୍ୟକୁ ସ୍ୱୀକାର କରି ନେଇଛନ୍ତି ରାଜକବି ଧନଞ୍ଜୟ ଭଞ୍ଜ । ସେ ରାଧାକୃଷ୍ଣଙ୍କର ପ୍ରୀତିବିଳାସକୁ ଭିତ୍ତିକରି ଯେପରି କେତେକ ଚଉପଦୀ ରଚନା କରିଛନ୍ତି ମାନବିକ ସ୍ତରର ପ୍ରୀତିକୁ ଭିତ୍ତିକରି ସେପରି କେତେକ ଚଉପଦୀ ରଚନା କରିଛନ୍ତି । କବିଙ୍କର ଚଉପଦୀଗୁଡ଼ିକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ

Digitized by PPRACHIN, SOA

କରାଯାଇପାରେ । ଯଥା – ୧) ମାନବିକ ପ୍ରୀତିମୂଳକ ଚଉପଦୀ ୨) ରାଧାକୃଷ୍ଣଲୀଳାମୂଳକ ଚଉପଦୀ ।

ମାନବିକ ପ୍ରୀତିମୂଳକ ଚଉପଦୀ

ମାନବିକ ପ୍ରୀତିମୂଳକ ଚଉପଦୀଗୁଡ଼ିକରେ ନାୟକ ଓ ନାୟିକାଙ୍କର ନାମ ଉଲ୍ଲେଖ କରାଯାଇନାହିଁ । ସେମାନଙ୍କର ବିରହବ୍ୟଥିତ ହୃଦୟର ବ୍ୟାକୁଳତା ଏଥିରେ ସ୍ପଷ୍ଟ ଭାବରେ ରୂପାୟିତ ହୋଇଛି । 'ନାଥର ହୃଦୟ ମୋର ପଥର ହେଲା ଗୋ' ଶୀର୍ଷକ ଚଉପଦୀରେ ନାୟିକାର ମର୍ମବେଦନା ଉପସ୍ଥାପିତ । ଆଉ କାହା କଥାରେ ପଡ଼ି ନାୟକ ତାକୁ ଭୁଲି ଯାଇଛି ବୋଲି କହିବାକୁ ଯାଇ ସେ କହିଛି :

"ନାହାର ବିଚ୍ଛେଦ ଦେଖି ଆହାର ନରୁଚେ ସଖୀ
କାହାର ବଚନେ ମତେ ବାହାର କଲା ଗୋ ।"

କବିକୃତ 'ମଧୁ ଋତେ କାନ୍ତ ବିଦେଶ ଗଲା' ଶୀର୍ଷକ ଚଉପଦୀରେ ବାସନ୍ତୀ ପରିବେଶର ନିର୍ମଳଚିତ୍ର ଅଙ୍କିତ । ନାୟକ ବିଦେଶରେ ରହୁଥିବାରୁ ବିରହିଣୀ ନାୟିକାର ପ୍ରାଣରେ ସୀମାହୀନ ବ୍ୟଥା ସୃଷ୍ଟି ହୋଇଛି । ସେ ପ୍ରବାସୀ ନାୟକ ଉପରେ ଅଭିମାନ କରିଛି । ନାୟକ ରହୁଥିବା ଦେଶରେ ବସନ୍ତର ପ୍ରଭାବ ଅଛି କି ନାହିଁ ବୋଲି ସନ୍ଦେହ ପ୍ରକାଶ କରିଛି ନାୟିକା । ସେ ଦେଶରେ କ'ଣ କୋଇଲିର ଲଳିତ ସଙ୍ଗୀତ ଶୁଭେ ନାହିଁ, ଫୁଟା ଫୁଲକୁ କ'ଣ ଭ୍ରମର ଚୁମ୍ବନ କରେ ନାହିଁ ଇତ୍ୟାଦି ପ୍ରଶ୍ନ ସବୁ ତା' ମନକୁ ଆସିଛି ।

"କାନ୍ତ ଦେଶରେ କି ବସନ୍ତ ନାହିଁ
କିବା ବନପ୍ରିୟ ନରାବେ ତହିଁ ।
ତହିଁ କିବା ମୂକ ମଧୁପମାଳି
ବିକଚ କୁସୁମେ ନକରେ କେଳି ।"

'ନୀରଜ ମୁଖୀ ମୁଖେ ଗନ୍ଧ ତିଳକ' ଶୀର୍ଷକ ଚଉପଦୀରେ ନାୟିକା ପରି ପ୍ରବାସୀ ନାୟକ ମଧ୍ୟ ବିରହ ଜନିତ ଯନ୍ତ୍ରଣାରେ ଜର୍ଜରିତ ହୋଇ ପ୍ରାଣପ୍ରିୟାର ପ୍ରୀତିମୁଗ୍ଧ ସ୍ମୃତିକୁ ସ୍ମରଣ କରିଛି । ଜୀବନ ବେଦରୁ କିଏ ଯେମିତି ଲିଭାଇ ଦେଇଛି ଆଶାର ଗାୟତ୍ରୀ ମନ୍ତ୍ର । ସ୍ମୃତିପଟରେ ଉଦ୍‌ଭାସିତ ହୋଇଉଠିଛି ନାୟିକାର ପଦ୍ମମୁଖର ମଧୁରିମା ଓ ନାସାମଣ୍ଡନୀ ମୋତିର ସୁଷମା । ଏହି ଚଉପଦୀରେ

Digitized by PPRACHIN, SOA

ନାୟିକାର କାରୁଣ୍ୟସିକ୍ତ ମନ ଓ ଲୋତକପୂର୍ଣ୍ଣ ନୟନ ନାୟକର ସ୍ମୃତିପଟରେ ମୂର୍ତ୍ତିମନ୍ତ ହୋଇଉଠିଛି । ଦାରୁଣ ଦୁଃଖରେ ମର୍ମାହତ ହୋଇ ସେ କହିଛି –

"ଏବେ କି କରୁଥିବ ଚନ୍ଦ୍ରବଦନୀ
ମୋ ଗୁଣ ଗୁଣି କଷ୍ଟେ ନେବ ରଜନୀ
ଲୋତକେ କରିଥିବ ପୂର୍ଣ୍ଣ ନୟନ
ବିଲୀନ ହୋଇଥିବ ଶଯ୍ୟା ଅଙ୍କେଣ ।"

'ମୋର ଜୀବନଧନ ପରାଣମଣି' ଶୀର୍ଷକ ଚଉପଦୀରେ ବିରହୀ ନାୟକ ନିଜ କଥା ଚିନ୍ତାକରିବା ସଙ୍ଗେ ସଙ୍ଗେ ନାୟିକାର ଦୁର୍ଦ୍ଦଶା କଥା ମଧ ଚିନ୍ତା କରିଛି । ମନ ଦର୍ପଣରେ ସେ ତା'ର ନାୟିକାର ବିଷାଦବ୍ୟଥିତ ମଳିନ ମୁଖକୁ ଦେଖି ପାରିଛି । ବ୍ୟାକୁଳ ହୋଇ ବିରହୀ ନାୟକ କହିଛି –

"ବିଧୁ ମୁଖ ଦିଶୁଥିବ ବିରସ
ନଥିବ ମୁଖେ ତୋ ମଧୁର ହାସ
ଆରେ ଜୀବନ ଧନି !
ଗରୁ ମଣୁଥିବୁ ଝିନ ପତନୀରେ ।"

'ଦେଖି ନବଘନ ଚିନ୍ତି ପ୍ରିୟା ଗୁଣମାନ' ଶୀର୍ଷକ ଚଉପଦୀରେ ବିରହୀ ନାୟକର ଅନୁଚିନ୍ତା ଉପସ୍ଥାପିତ । ବର୍ଷାକାଳୀନ ପରିବେଶ ମନରେ ତା'ର ଭାବାନ୍ତର ସୃଷ୍ଟି କରିଛି । ବିଗତ ଦିନର ସମ୍ଭୋଗ କାଳୀନ ଚିତ୍ର ନାୟକର ମାନସ ପଟରେ ଜୀବନ୍ତ ହୋଇଉଠିଛି । ନାୟିକାର ନୁପୂର ଧ୍ୱନି, ଝୁଣ୍ଟିଆ ଶବ୍ଦ ଆଉ ନ ଶୁଣିବାରୁ ନିଜର ଜୀବନ ଅସାର୍ଥକ ହୋଇଛି ବୋଲି ନାୟକ ବିଚାର କରିଛି ।

"ଝମକେ ଝୁଣ୍ଟିଆ, କାମନୁପର ଖୁଣ୍ଟିଆ
ନଶୁଣି କର୍ଣ୍ଣ ମୋ ବିଫଳ ଫାଟୁଅଛି ହିଆ ।"

କବିଙ୍କର 'କି କରୁଥିବ ସେ ଚନ୍ଦ୍ରବଦନୀ' ଶୀର୍ଷକ ଚଉପଦୀରେ ବିରହ କାତର ନାୟକ ପବନ ହାତରେ ନାୟିକା ପାଖକୁ ହୃଦୟର ବାର୍ତ୍ତା ପ୍ରେରଣ କରିଛି । ପବନ ଯେ ତା'ର ସମ୍ବାଦ ନେଇ ପ୍ରିୟା ପାଖରେ ପହଞ୍ଚାଇ ଦେବ ଏଇ ବିଶ୍ୱାସ ନେଇ ପବନକୁ ସେ ଦୂତ ରୂପରେ ପ୍ରେରଣ କରିଛି । ପ୍ରିୟା ବିନା କୋଇଲିର କୁହୁଗୀତ

Digitized by PPRACHIN, SOA

ତାକୁ ବିଷପରି ଲାଗିଛି । ଭୋଜନ ତାକୁ ବିଷପରି ଲାଗିଛି, ରାତି ଭାବି ଭାବି ସରୁନାହିଁ । ନାୟକ କହିଛି –

''କୋଇଲି ମଧୁପ ମଧୁର ବାଣୀ
ତା' ବିନୁ ଏହେଲା ଏବେ ଅଶନି
ଏବେ ନିଶି ମୋର ନସରଇ
ତା ମୁଖ ପଦ୍ମ ବସି ଧ୍ୟାଇ ଧ୍ୟାଇ ।''

ରାଧାକୃଷ୍ଣଲୀଳା ମୂଳକ ଚଉପଦୀ

ମଧୁର ଭାବର ସ୍ନେହମଞ୍ଜୁଳ ସ୍ପର୍ଶରେ ଧନଞ୍ଜୟ ଭଞ୍ଜଙ୍କର ରାଧାକୃଷ୍ଣଲୀଳାମୂଳକ ଚଉପଦୀଗୁଡ଼ିକ ହୋଇଛି ସୁଶ୍ରୀଶୋଭନ ଓ ଆକର୍ଷଣୀୟ । ରାଧା ହେଉଛନ୍ତି ଆହ୍ଲାଦିନୀ ଶକ୍ତିର ପ୍ରତୀକ । ରାଧାଙ୍କ ବିନା କୃଷ୍ଣଙ୍କର ଅଭିବ୍ୟକ୍ତି ନାହିଁ କି କୃଷ୍ଣଙ୍କ ବିନା ରାଧାଙ୍କର ସ୍ଥିତି ନାହିଁ । ଏକ ଏକ ଚଉପଦୀରେ ନାୟିକା ଶ୍ରୀରାଧାଙ୍କର ଏକ ଏକ ରୂପଚିତ୍ର ଚିତ୍ରିତ । କେଉଁଥିରେ ସେ ଖଣ୍ଡିତା ରୂପରେ ତ କେଉଁଥିରେ ମାନିନୀ ରୂପରେ ତ ଆଉ କେଉଁଥିରେ ବିରହିଣୀ ନାୟିକା ରୂପରେ ଆତ୍ମ ପ୍ରକଟିତ ।

'ନେତ୍ର ଅରୁଣ ଦିଶେ' ଚଉପଦୀରେ ରାଧାଙ୍କର ଖଣ୍ଡିତା ରୂପର ପରିକଳ୍ପନା କରାଯାଇଛି । କୃଷ୍ଣଙ୍କ ଅଙ୍ଗରେ କଜ୍ଜଳ, ସିନ୍ଦୂରର ଦାଗ ଦେଖି, ଗଳାରେ ମଣିକଙ୍କଣର ଚିତ୍ର ଦେଖି ନୟନରେ ରକ୍ତିମ ଆଭା ଦେଖି ସେ ବିକ୍ଷୁବ୍ଧ ହୋଇଛନ୍ତି :–

'କଜ୍ଜଳ ସିନ୍ଦୂରେ ରୁଚିର ଅଙ୍ଗ । କାହାର ପୁରେ କଲ ରହି ରଙ୍ଗ ।
ମଣିକଙ୍କଣ ଚିହ୍ନ ଗଳେ ସାଜେ । କାହା ନଖରେଖା ଅଙ୍ଗେ ବିରାଜେ ।
ଭ୍ରମେ କି କାହ୍ନୁ ଅଇଲ ସଦନେ । ନୃପତି ଧନଞ୍ଜୟ ଭଞ୍ଜଭଣେ ।'

'ମୋ ସଖୀ ବିରହୀ' ଶୀର୍ଷକ ଚଉପଦୀରେ ଶ୍ରୀରାଧାଙ୍କର ନୟନରୁ ଲୁହ ଧାରା ଝରିବାର ଚିତ୍ର ପ୍ରଦତ୍ତ । ଶ୍ରୀକୃଷ୍ଣଙ୍କ ବିରହରେ କୋକିଳର ଗାନ ଶୁଣି ସେ ଚମକି ପଡ଼ିଛନ୍ତି । ପଦ୍ମନାଡ଼କୁ ସର୍ପ ମଣି ସେ ଭୟଭୀତ ହୋଇଛନ୍ତି । ଦିନକୁ ଦିନ ଦୁର୍ବଳ ହୋଇଛି ତାଙ୍କର ଶରୀର । ତାଙ୍କର ଆଉ କାହିଁରେ ମନ ଲାଗୁ ନାହିଁ ବୋଲି ସଖୀ ଯାଇ ଶ୍ରୀକୃଷ୍ଣଙ୍କ ଜଣାଇଛି–

''ସଜଳ ମୃଣାଳ ମଣେ ଭୁଜଙ୍ଗ । ଦିନୁ ଦିନୁ ତା ଦୁରୁବଳ ଅଙ୍ଗ ।
ବିଷୟ ବିଳାସେ ନରସେ ମନ । କେବଳ ଭାବେ ତୋ ଚନ୍ଦ୍ର ବଦନ ।''
ହାରାଭାରାସମ ମଣଇ ବାଳି । କବରୀ ତା'ର ଅଙ୍ଗେ ଅଛି ଢ଼ଳି ।
ଭଣନ୍ତି ଧନଞ୍ଜୟ ନରପତି । ବେଗେ ଶ୍ରୀପତି ରଖ କୁନ୍ଦଦନ୍ତୀ ।

Digitized by PPRACHIN, SOA

ବିରହିଣୀ ଶ୍ରୀରାଧାଙ୍କର ମାନସିକ ବ୍ୟାକୁଳତାର ଚିତ୍ର କବିଙ୍କର 'କୁଞ୍ଜେ ବାଉଛି ବେଣୁ' ଶୀର୍ଷକ ଚଉପଦୀରେ ପ୍ରଦତ୍ତ । କୃଷ୍ଣ ପ୍ରାପ୍ତି ପାଇଁ ତାଙ୍କ ମନରେ ଆସିଛି ଦୁର୍ବାର ବାସନା । ତାଙ୍କ ମାନସ ପଟରେ କେବଳ ଶ୍ରୀକୃଷ୍ଣଙ୍କର ଚିତ୍ର ଅଙ୍କିତ ହୋଇ ଅମ୍ଳାନ ରହିଛି ।

ମାନିନୀ ଶ୍ରୀରାଧାଙ୍କର ମାନଭଞ୍ଜନ ପାଇଁ ଶ୍ରୀକୃଷ୍ଣ ବହୁ ପ୍ରକାର ଚେଷ୍ଟା କରିଛନ୍ତି । ସେଥିପାଇଁ ସେ ଚାଟୁବାକ୍ୟ ପ୍ରୟୋଗ କରିଛନ୍ତି । କବିଙ୍କର 'ଚନ୍ଦ୍ରମା ବଦନୀ କୁରଙ୍ଗୀ ନୟନୀ ମତ୍ତକୋକିଳ ବଚନୀ' ଶୀର୍ଷକ ଚଉପଦୀରେ ଶ୍ରୀକୃଷ୍ଣ ସାଧାରଣ ସ୍ତରର ବିରହୀ ନାୟକ ଭାବରେ ଚିତ୍ରିତ । ମର୍ମସ୍ପର୍ଶୀ ଶବ୍ଦ ସମ୍ଭାରରେ ହୃଦୟର ଭାବ ପରିସ୍ଫୁଟ ।

"ତୁ ଶିରମଣ୍ଡନ, ତୁ ତନୁଚନ୍ଦନ ତୁ ମୋର ମନ ସଦନ
ତୁ ମୋର ହୃଦରେ ଥାଉ ଅହର୍ନିଶ ତରୁଣୀ ବର ରତନ ।
ରେ ଧନ, ଛାଡ଼ୁ ତୁ ସଂଶୟମାନ
ନିର୍ଦ୍ଦୟ ମଦନ ହୃଦରେ ଦହୁଛି ଦିଅ ମୋତେ ପ୍ରେମ ଦାନରେ ।"

ଧନଞ୍ଜୟଙ୍କର 'କରକମଳେ ତୋ ମୁଖ କମଳ' ଶୀର୍ଷକ ଅନ୍ୟ ଏକ ଚଉପଦୀରେ ମଧ୍ୟ ଶ୍ରୀକୃଷ୍ଣଙ୍କର ଚାଟୁବାଣୀ ଅଭିବ୍ୟକ୍ତ ହୋଇଛି । ଏଥିରେ ଶ୍ରୀକୃଷ୍ଣ ନିଜକୁ ଶ୍ରୀରାଧାଙ୍କର ଦାସ ବୋଲି ମନେ କରିଛନ୍ତି ।

'ମିତଣି ମୋତେ ନ ହୁଅ ବିରସ
ଜାଣ ମୁଁ ତୋର ରତି କେଳି ଦାସ ।'

କବିଙ୍କର 'ଗୋକୁଳ ତେଜିଗଲା ଗୋପୀପତି' ଶୀର୍ଷକ ଚଉପଦୀରେ ଶ୍ରୀରାଧା ବିପ୍ରଲବ୍ଧା ନାୟିକା ରୂପରେ ଆତ୍ମପ୍ରକାଶ କରିଛନ୍ତି । ଶ୍ରୀରାଧାଙ୍କର ପ୍ରାଣଧନ ଶ୍ରୀକୃଷ୍ଣ ମଥୁରାକୁ ଯିବା ପରେ ଆଉ ଗୋପପୁରକୁ ନ ଫେରିବାରୁ ଅକଥନୀୟ ଦୁଃଖର ଶିକାର ହୋଇଛନ୍ତି ଶ୍ରୀରାଧା ।

ଶ୍ରୀରାଧା ଦୂତୀ ଆଗରେ ମନର କଥା କହିଛନ୍ତି, ଗୋପିନାଥ ନାମରେ ପରିଚିତ ହୋଇ ଶ୍ରୀକୃଷ୍ଣ ମଥୁରା ନାରୀଙ୍କୁ ପ୍ରୀତିଦାନ କରିବା କଥା ନେଇ ଶ୍ରୀରାଧା ବିବ୍ରତ ହୋଇ ପଡ଼ିଛନ୍ତି । କୁବୁଜାକୁ ସୌନ୍ଦର୍ଯ୍ୟ ଦାନ କରି ତାର ପାଦ ତଳର ଦାସ ହୋଇ ଶ୍ରୀକୃଷ୍ଣ ରହିଛନ୍ତି ବୋଲି ଶ୍ରୀରାଧା ଦୂତୀ ଆଗରେ ପ୍ରକାଶ କରିଛନ୍ତି ।

"ଗୋପୀପତି ବୋଲି ବୋଲାଇ ହରି
ଏବେ ଭଜିଲା ମଥୁରା ଚତୁରୀ
କୁବୁଜାକୁ କରିଅଛି ସୁନ୍ଦର
ତାରେ ଭଜି କୃଷ୍ଣ ହେଲା କୋଏର ।"

Digitized by PPRACHIN, SOA

ମେଘକୁ ଦୂତ କରିବାର ପ୍ରଥା ଯେପରି ଭାରତୀୟ ସାହିତ୍ୟରେ ରହିଛି, ସେପରି କୋକିଳକୁ ଦୂତ କରିବାର ବହୁ ଉଦାହରଣ ମଧ୍ୟ ରହିଛି । କୋକିଳର ସ୍ୱର ବିରହୀ ହୃଦୟରେ ଭାବାନ୍ତର ସୃଷ୍ଟି କରେ । ତାକୁ ଆପଣାର ମନେ କରି ବିରହ ତାପିତ ନାୟକ ନାୟିକା ତା' ଆଗରେ ନିଜ ନିଜର ମନକଥା କହିଥାନ୍ତି । କୋକିଳ ମିଷ୍ଟଭାଷୀ ହୋଇଥିବାରୁ ସମ୍ଭବତଃ ସାହିତ୍ୟରେ ଦୂତର ଭୂମିକା ଗ୍ରହଣ କରିବାର ଯୋଗ୍ୟତା ତାକୁ ମିଳିଛି । ଧନଞ୍ଜୟଙ୍କର 'କୋକିଳ କହ ପ୍ରିୟାକୁ ଯାଇ' ଚଉପଦୀରେ ଶ୍ରୀକୃଷ୍ଣ, କୋକିଳ ହାତରେ ଶ୍ରୀରାଧାଙ୍କ ନିକଟକୁ ସନ୍ଦେଶ ପଠାଇଛନ୍ତି । ପୁନଶ୍ଚ ଶ୍ରୀରାଧାଙ୍କ ଠାରୁ ସନ୍ଦେଶ ଆଣିବା ପାଇଁ ଅନୁରୋଧ କରିଛନ୍ତି । ଚନ୍ଦ୍ର ହୋଇଛି ଶ୍ରୀକୃଷ୍ଣଙ୍କ ପାଇଁ ପ୍ରଜ୍ୱଳିତ ସୂର୍ଯ୍ୟ ପରି । ଶୀତଳ ଚନ୍ଦନ ତାଙ୍କୁ ଗରଳ ପରି ମନେ ହୋଇଛି ।

"କୋକିଳ କହ ପ୍ରିୟାକୁ ଯାଇ
ତା ବିନୁ ନିମିଷ ଯୁଗ ମଣଇ ।
ଚନ୍ଦ୍ରମାକର ଚଣ୍ଡକର ଜାଳ
ଚନ୍ଦ୍ର ଚନ୍ଦନ ଯେସନେ ଗରଳ ।"

ଚଉପଦୀ ସାଧାରଣତଃ ଚାରିପଦ ବିଶିଷ୍ଟ ଗୀତିକା ହେଲେ ହେଁ ଭାବାଭିବ୍ୟକ୍ତି ପାଇଁ ଏହା ଠାରୁ ଅଧିକ ପଦର ସଂଯୋଜନା ଦୋଷାବହ ନୁହେଁ । କେଉଁଥିରେ ଚାରିପଦ, କେଉଁଥିରେ ପାଞ୍ଚପଦ, କେଉଁଥିରେ ଆଠପଦ ଓ କେଉଁଥିରେ ନଅ ପଦ ମଧ୍ୟ ଦେଖିବାକୁ ମିଳେ । ଧନଞ୍ଜୟ ଭଞ୍ଜଙ୍କ ଦ୍ୱାରା ଲିଖିତ ଚଉପଦୀଗୁଡ଼ିକରେ କେଉଁଥିରେ ଚାରିପଦ ଓ ଆଉ କେଉଁଥିରେ ଚାରିରୁ ଅଧିକ ପଦ ମଧ୍ୟ ରହିଛି । ସବୁ ଚଉପଦୀରେ ଘୋଷା ପଦ ନାହିଁ । ପ୍ରାୟ ସବୁ ଚଉପଦୀ ପାଇଁ ରାଗ ନିର୍ଦ୍ଦେଶ କରାଯାଇଛି । ତୋଡ଼ି, ଆନନ୍ଦଭୈରବୀ, କୁମ୍ଭକାମୋଦୀ, ଦେଶାକ୍ଷ, କେଦାର ଗଉଡ଼ା, କଳହଂସ କେଦାର, ଆଦି ରାଗର ବ୍ୟବହାର କବି କରିଛନ୍ତି ।

ଏକଥା ମୁକ୍ତ କଣ୍ଠରେ ସ୍ୱୀକୃତ ଯେ ଭାବ, ଭାଷା ଓ ସାଙ୍ଗୀତିକତାର ଅପୂର୍ବ ସମନ୍ୱୟରେ କଳାମଞ୍ଜୁଳ ହୋଇ ରାଜକବି ଧନଞ୍ଜୟ ଭଞ୍ଜଙ୍କର ପ୍ରତିଟି ଚଉପଦୀ ଓଡ଼ିଆ ଚଉପଦୀ ସାହିତ୍ୟର ଗନ୍ତାଘରକୁ ଋଦ୍ଧିମନ୍ତ କରିଅଛି ।

●●●

Digitized by PPRACHIN, SOA

ଧନଞ୍ଜୟ ଭଞ୍ଜଙ୍କ ସଙ୍ଗୀତରୁ କିଛି...

Digitized by PPRACHIN, SOA

Digitized by PPRACHIN, SOA

ନାଥର ହୃଦୟ ମୋର...

(ରାଗ – ଚିନ୍ତାଭୈରବ)

ନାଥର ହୃଦୟ ମୋର ପଥର ହେଲା ଗୋ
ମଥାର ମଣିକି ମୋର ହାଥରୁ ନେଲା ଗୋ ।
ଛପନ କୋଟି ରୁଚିର ତପ, ନ ଥିବାରୁ ମୋର
ଲପନ ତା ଦେଖିବାକୁ ସୋପନ ହେଲା ଗୋ ।୧।

ନାହାର ବିଚ୍ଛେଦ ଦେଖି ଆହାର ନ ରୁଚେ ସଖୀ
କାହାର ବଚନେ ମତେ ବାହାର କଲା ଗୋ ।୨।

ଚିତ୍ତରେ ନଥିଲା ଆନ ମିତରେ କେ କଲା ଭିନ
ଇତର ଜନରେ ମାତି ଅନ୍ତର କଲା ଗୋ ।୩।

ଧନଞ୍ଜୟ ଭଞ୍ଜ ଭଣି କ୍ଷତ୍ରି କୁଳ ଶିରୋମଣି
ତାଙ୍କ ସେବା ସେବି ମୋର ବିଫଳ ହେଲା ଗୋ ।୪।

●●●

ନୟନ ପ୍ରତିମା ମୋର...

(ରାଗ ବରାଡ଼ୀ)

ନୟନ ପ୍ରତିମା ମୋର ବିଧିବଶୁ ହେଲା ଦୂର
ନ ସରୁଛି ଗୁଣି ଦିନମାନ
ନୟନର ପଲକଇ ପଡ଼ିବାର ନ ସହଇ
ଏବେ କେ କେସନେ ଧରିବ ଜୀବନ ହେ
ମଧୁକର, ମୋର ବିଚ୍ଛେଦରେ ହେବ କ୍ଷୀଣ
ଶିବ ଶିବ ବୋଲୁଥିବ ଅନୁକ୍ଷଣ ହେ ।୧।
ଚଉଦିଗ ଘୋଟି ଶର ବିନ୍ଧୁଥିବ ହରପର
ଅବନୀରେ ଲୋଟୁଥିବ ସହି
ମୋର ପ୍ରୀତି ହୃଦେ ଗୁଣି ଭଜୁଥିବ ପ୍ରାଣମଣି
ସେ ଯେ ସଖୀଜନେ ବଚନ ନ କହି ହେ
ମଧୁକର, କ୍ଷଣେ କ୍ଷଣେ ଲଭୁଥିବ ମୋହ
ଥର ଥର ତା'ର ହେଉଥିବ ଦେହ ହେ ।୨।

Digitized by PPRACHIN, SOA

ବେଢ଼ି ପ୍ରିୟ ସଖୀଜନ କହିଲେ ମଞ୍ଜୁବଚନ
ଶ୍ରବଣ ନଦେବ ଶ୍ରବଣରେ
ଫେଡ଼ିବ ନାହିଁ ନୟନ ହୋଇଥିବ ଅଚେତନ
ନେତ୍ରୁ ନୀର ତେଜୁଥିବ ନିରନ୍ତରେ ହେ
ମଧୁକର, ସେହି ମୋର ଜୀବର ଜୀବନ
ଆହା ଏ ଦୁଃଖ ସେ ଲଭୁଥିବ ଧନ ହେ ।୩।
ନିଶାମୁଖେ ଆସୁଥାଇ ପ୍ରିୟା ନାନା ବେଶ ହୋଇ
ମଞ୍ଜିର ଶବଦ ମନୋହର
ଶୁଣି ହେଉଥାଉ ସୁଖୀ ଲାଖି ରହିଥାଏ ଆଖି
ଏକା ତହିଁକି ସାକ୍ଷୀ ପଞ୍ଚଶର
ମଧୁକର, ଆଉକି ତା' ଦେଖିବ ନୟନ
ଏହା କରିବେ କି ତ୍ରିପୁର ଦହନ ହେ ।୪।
ଚଳ ମଧୁକର ତୁହି କହ ମୋ ପ୍ରିୟାକୁ ଯାଇ
ମୋର ଦୁଃଖ ସକଳ ମଣାଇ
ରଖିଲେ ରଖିବ ସେହି ନୋହିଲେ ତେଜିବି ଦେହି
ତା'ର ବିନୁ ଅନ୍ୟଗତି ନାହିଁ
ମଧୁକର, ବାଳା ମୋ ଶିର ଭୂଷଣମଣି
ନୃପ ଧନଞ୍ଜୟ ଏହୁ ରସ ଭଣି ହେ ।୫।

●●●

ଗୋ, ଦେଖକି ନା ଶ୍ୟାମବନ୍ଧୁ.......

(ରାଗ – ତୋଡ଼ି)

ଗୋ, ଦେଖକି ନା ଶ୍ୟାମବନ୍ଧୁ ଚୂଡ଼ାର ଝାଳେଣୀ
ଦେଖିକେ ଧରିବ ଦେହ କୁଳର କାମିନୀ ।୧ ।
ଗୋ, ବେଣୁବାଦନେ ଚଞ୍ଚଳ ମକର କୁଣ୍ଡଳ
ଲଗାଇଛି କୋଟି ଇନ୍ଦୁ ଶ୍ରୀମୁଖ ମଣ୍ଡଳ ।୨।
ମଦନ ମୋହନ ରୂପ ଦେଖିଲି ସଜନୀ
କୁଳ ଶୀଳ ଲାଜ ଆଜ କଲି ନିଉଛାନି ।୨।
ରସମୟ ବାଣୀ ଶୁଣି ସ୍ମିତହାସେ ସଖି
ଭଣେ ନୃପ ଧନଞ୍ଜୟ ସେ ଶୋଭା ନିରେଖି ।୩।

●●●

Digitized by PPRACHIN, SOA

ନୀରଜ ମୁଖୀ ମୁଖେ...

(ରାଗ – ଭାଟିଆରି)

ନୀରଜ ମୁଖୀ ମୁଖେ ଗନ୍ଧ ତିଳେକ ।
ଦିଶଇ ସକଳଙ୍କ ଯେହ୍ନେ ଶଶାଙ୍କ ।
ପ୍ରିୟେ କନକ ଗୋରୀ,
ମନ୍ଦେ ମନ୍ଦେ ଯେ ଆସେ ନବକିଶୋରୀ ।୧।
ଶୋଭା ଯେ କରୁଥାଇ କେଳି ସଦନ ।
ସରାଗେ କରେ ମୋରେ ନେତ୍ରପତନ ।୨।
ରଞ୍ଜି ଯେ ଥାଇ କୁଚ କରି ବସନ ।
ଫୁଟି ଯେ ଦିଶୁଥାଇ ଜାନୁ ଜଘନ ।୩।
ନାସେ ଝଲସୁ ଥାଇ ଝଲକ ମୋତି ।
ଦେଖନ୍ତେ ଉତ୍ସୁକ ଗୋ କରଇ ମତି ।୪।
କୁଚେ ଆଚ୍ଛାଦି ଥାଇ ସୁନୀଳ ବାସ ।
ଶୋଭାରେ କରୁଥାଇ ମୋ ମନ ବଶ ।୫।
ମୋତେ ଯେ ବୋଲୁଥାଇ ଆସ ଗୋ ବନ୍ଧୁ ।
ବଢ଼ାଉ ଥାଏ ମୋର ଅନଙ୍ଗ ସିନ୍ଧୁ ।୬।
ଏବେ କି କରୁଥିବ ଚନ୍ଦ୍ର ବଦନୀ ।
ମୋ ଗୁଣ ଗୁଣି କଷ୍ଟେ ନେବ ରଜନୀ ।୭।
ଲୋତକେ ପୂର୍ଣ୍ଣ କରିଥିବ ନୟନ ।
ବିଲୀନ ହୋଇଥିବ ଶଯ୍ୟା ଅଙ୍କେଣ ।୮।
ଭଣିଲେ ଧନଞ୍ଜୟ ଭଞ୍ଜ ନୃପତି ।
ଶ୍ରୀକୃଷ୍ଣ ପଦ୍ମପାଦେ ଦେଇଣ ମତି ।୯।

●●●

ଚନ୍ଦ୍ରମା ବଦନୀ କୁରଙ୍ଗୀ ନୟନୀ...

(ରାଗ–କୁମ୍ଭକାମୋଦି)

ଚନ୍ଦ୍ରମା ବଦନୀ କୁରଙ୍ଗୀ ନୟନୀ କୋକିଳ ବଚନୀ ।
କ୍ଷୀଣ ମଧ୍ୟା ପୃଥୁଶ୍ରୋଣୀ କୃଶୋଦରୀ ପରାଣ ରମଣୀ ।।୧।।
କି କରୁଥିବ ମୋ ପ୍ରାଣ ପ୍ରିୟତମା ଶୁଣି ଘନ ଧ୍ୱନି ।
ତେଜିଥିବ ଚାରୁ ବେଶ ଅମ୍ବୁଜାକ୍ଷୀ ଶିଖର ଦଶନୀ ।।୨।।
ବନ୍ଧୂଲୀ ଅଧରେ ମନ୍ଦମନ୍ଦ ହସି କହେ ମୃଦୁବାଣୀ ।
କେସନେ ସହିବ ମୀନକେତୁ ଶର ଏ ଘୋର ରଜନୀ ।।୩।।
ମୋର ରତିରଙ୍ଗ ଗୁଣି ତିଳଯୁଗ ରମଣୀ ସେ ଧନୀ ।
ଭଣେ ନୃପ ଧନଞ୍ଜୟ ଧନ୍ୟ ଧନ୍ୟ ରମଣୀର ମଣି ।।୪।।

●●●

Digitized by PPRACHIN, SOA

ନେତ୍ର ଅରୁଣଦିଶେ...

(ରାଗ–ଆନନ୍ଦ ଭୈରବୀ)

ନେତ୍ର ଅରୁଣଦିଶେ, ଅନୁରାଗ ପ୍ରକାଶେ ।
କେଉଁ କାମିନୀ ବଶେ ଚଳ ତାହାର ପାଶେ ॥୧॥
କଜଳ ସିନ୍ଦୂରେ ରୁଚିର ଅଙ୍ଗ । କାହାର ପୁରେ କଲ ରହିରଙ୍ଗ ॥୨॥
ମଣି କଙ୍କଣ ଚିହ୍ନ ଗଳେ ସାଜେ । କୟ ନଖରେଖା ଅଙ୍ଗେ ବିରାଜେ ॥୩॥
କୁଚ କୁଙ୍କୁମରେ ମଣ୍ଡିତ ଉର । ଦଶନ କ୍ଷତ ଦର୍ଶନେ ସୁନ୍ଦର ॥୪॥
ଭ୍ରମେ କି କାହ୍ନୁ ଅଇଲ ସଦନେ । ନୃପତି ଧନଞ୍ଜୟ ଭଞ୍ଜ ଭଣେ ॥୫॥

●●●

ମୋର ସଖୀ ବିରହୀ...

(ରାଗ–ଆନନ୍ଦ ଭୈରବୀ)

ମୋର ସଖୀ ବିରହୀ, ତାକୁ ରଖ ମାଧୋଇ
ନୀରବହେ ନୟନୁ । ଅଙ୍ଗେ ପୀଡ଼େ ଅତନୁ ॥ପଦ॥
କର୍ପୂର ଚନ୍ଦନ ପନୀର ନୀର । ପିକ ରାବେ ଚମକଇ ଶରୀର ॥୧॥
ସଜଳ ମୃଣାଳ ମଣେ ଭୁଜଙ୍ଗ । ଦିନୁ ଦିନ୍ ତା ଦୁରୁବଳ ଅଙ୍ଗ ॥୨॥
ବିଷୟ ବିଳାସେ ନ ରସେ ମନ । କେବଳ ଭାବେ ତୋ ଚନ୍ଦ୍ର ବଦନ ॥୩॥
ହୀରା ଭାରା ସମ ମଣଇ ବାଳି । କବରୀ ତା'ର ଅଙ୍ଗେ ଅଛି ଢ଼ଳି ॥୪॥
ଭଣନ୍ତି ଧନଞ୍ଜୟ ନରପତି । ବେଗେ ଶ୍ରୀପତି ରଖ କୁନ୍ଦଦନ୍ତୀ ॥୫॥

●●●

କୁଞ୍ଜେ ବାଉଛି ବେଣୁ...

(ରାଗ–ଆନନ୍ଦ ଭୈରବୀ)

କୁଞ୍ଜେ ବାଉଛି ବେଣୁ, ନବ କୁସୁମ ଧନୁ
ଦେଖି ନ ରହେ ତନୁ, ମୋର ଅଥିର ଜାନୁ ॥ପଦ॥
ପୂର୍ଣ୍ଣ ସୁଧାକର ନିନ୍ଦେ ଲପନ, ରୂପ ଗଞ୍ଜେ କୋଟିକୋଟି ମଦନ ।୧।
ବିଷୟ ବିଳାସେ ନରସେ ମନ, କେବଳ ଭାବେ ତୋ ଚନ୍ଦ୍ର ବଦନ ।୨।
ମକର କୁଣ୍ଡଳ ଶ୍ରବଣ ଦେଶେ, ଗୁରୁ କବି କି ଶଶୀ ବେନି ପାଶେ ।୩।
ଭଣେ ଧନଞ୍ଜୟ ଏ ନରପତି ପ୍ରଭୁ ଶ୍ରୀପତି ରଖ କୁନ୍ଦଦନ୍ତୀ ।୪।

●●●

Digitized by PPRACHIN, SOA

ଚନ୍ଦ୍ରମା ବଦନୀ କୁରଙ୍ଗୀ ନୟନୀ...

(ରାଗ-ଦେଶାକ୍ଷ)

ଚନ୍ଦ୍ରମା ବଦନୀ କୁରଙ୍ଗୀ ନୟନୀ ମତ୍ତ କୋକିଳ ବଚନୀ ।
ମାନ ଭର ଦେଖି ଅଗ୍ରତେ ଗୋବିନ୍ଦ କହନ୍ତି ବିନୟ ବାଣୀ
ରେ ବାଳା, ତୁ ମୋ ଗଳା ରତ୍ନମାଳା ।
କି କାରଣେ ତୋର ହୃଦରେ ବିରସ ବହିଅଛୁ ପ୍ରେମଶୀଳାରେ ।୧।
ତୁ ମୋର ଜୀବ ଜୀବନରେ ସୁନ୍ଦରୀ ମାନସ ହଂସ ତୁ ରାମା ।
କଠିଣ କୁଚ ତୋ ମୋ ହୃଦେ ଲଗାଇ କର ଯେତେ ଦୋଷ କ୍ଷମା ।
ରେ ବାମା, ତୁ ମୋ ନୟନ ପ୍ରତିମା ।
ମନ୍ଦ ହସିମତେ କଟାକ୍ଷେ ଅନାଇ ଦେଖାଅ ମୁଖ ଚନ୍ଦ୍ରମା ରେ ।୨।
କରୀ କରଭ ନିନ୍ଦଇ ବେନି ଉରୁ ମଞ୍ଜୁଳ ରସନା ଧ୍ୱନି
କାମ ଜୟରଥ ସାଜିଅଛି ପୁଣି ମୋହିବ ନବ ମେଦିନୀରେ ।
ରେ ସଖୀ । ତୁ ମୋର ହୃଦୟ ସାକ୍ଷୀ ।
ରସିକିନୀ କାମକଳାରେ ସୁନ୍ଦରୀ କାମେ ମୁଁ ହୋଇଲି ଦୁଃଖୀ ।୩।
ଯେବେ ମୃଦୁବାଣୀ କହିବୁ ସୁନ୍ଦରୀ ପାଇବି ମୁଁ କୋଟିନିଧି ।
ପୂର୍ବ ଜନ୍ମେ ମୋର ଭାଗ୍ୟ ଥିଲା ଯେଣୁ ଘଟାଇଲା ତେଣୁ ବିଧି ।
ରେ ପ୍ରାଣ ! ଧରୁଛି ତୋର ଚରଣ ।
ପ୍ରେମ ଚାଟୁବାଣୀ କହ ମନ୍ଦହାସୀ କର ମୋତେ ପରିତ୍ରାଣ ।୪।
ତୁ ଶିର ମଣ୍ଡନ ତୁ ତନୁ ଚନ୍ଦନ ତୁ ମୋର ମନ ସଦନ
ତୁ ମୋର ହୃଦରେ ଥାଇ ଅହର୍ନିଶି ତରୁଣୀବର ରତନରେ
ରେ ଧନ ! ଛାଡ଼ ତୁ ସଂଶୟ ମାନ
ନିର୍ଦ୍ଦୟ ମଦନ ହୃଦରେ ଦହୁଛି ଦିଅ ମୋତେ ପ୍ରେମ ଦାନ ।୫।
କାମ ଅନ୍ଧକାର ବେଗେ କର ଦୂର ପ୍ରକାଶ ବଦନ ଶଶୀ
କନ୍ଦର୍ପ ପାରାବାର ମଧ୍ୟେ ବୁଡ଼ିଲି ଉଦ୍ଧର ତୁ ମଦାଳସୀ ।
ରେ ଧନ ! ତୁ ନେତ୍ର ଚକୋର ଇନ୍ଦୁ ।
ବେନି ଭୁଜ ପାଶେ ଆଲିଙ୍ଗନ କରି ବଢ଼ାଅ ଆନନ୍ଦ ସିନ୍ଧୁ ।୬।
ଏବେ ତୁ ସେକଥା କରିଣ ଅନ୍ୟଥା ଚିତ୍ତେ କରିଅଛୁ ମାନ ।
ତୁ ଯେ ପ୍ରେମ କଳା ସର୍ବଗୁଣେ ଶୀଳା ନକହ ମିଥ୍ୟା ବଚନ ।
ରେ ମିତ ! ନୋହ ତୁ କୁଟୀଳ ଚିତ୍ତ ।

Digitized by PPRACHIN, SOA

ନିଜ ଦାସ ଜନେ ପ୍ରଭୁ କହି ତରାସ, ଏ କଥା ନୋହେ ଉଚିତ ରେ ।୭।
ଶ୍ରୀକୃଷ୍ଣ ଚାଟୁ ବଚନ ମାନ ଶୁଣି ପୁଲକେ କପୋଳପାଳି ।
ଆଶ୍ଳେଷ କରନ୍ତେ ତରୁଣୀ ରତନ ଚାହିଁଲା ନୟନ ଢ଼ାଳି ସେ ।
ସେ ବାଳା । କାମ ମୁଖେ ନେଇ ଦେଲା ।
ସମକରି ତାହା ଅସମ ବିଯୋଗେ ବେନି ଜନେ ପ୍ରହାରିଲା ।୮।
ରାଧାକୃଷ୍ଣ ବେନି ବିବିଧ ବନ୍ଧେଣ ବଞ୍ଚିଲେ ଘୋର ରଜନୀ
ନୃପ ଧନଞ୍ଜୟ ନିରତରେ ଭଜେ ଗୋପୀପତି ବେଣୁପାଣି ସେ ।
ସେ କୃଷ୍ଣ, ଏଇ ଭବସିନ୍ଧୁ ଭେଳା
ସେହି ରୁଚିର ଚରଣଯୁଗଳ, ଚିତ୍ତରେ କେବେ ନ କରିବ ହେଳା ।୯।

●●●

ଗୋକୁଳ ତେଜିଗଲା...

(ରାଗ-କେଦାର ଗଉଡ଼ା)

ଗୋକୁଳ ତେଜିଗଲା ଗୋପିପତି, ହେ ଦୂତି ! ହେ ଦୂତି !
ମରମ ମାର କାଟୁଛି ବିକୋତି
କୁଳ ତେଜି ତାରେ କଲୁ ପୀରତି । ପଦ ।
କଂସକୁ ମାରି ହୋଇଛି ନୃପତି
ଲଭିଲା କୁବୁଜା ବର ଯୁବତୀ ।।୧।।
ଗୋପିପତି ବୋଲି ବୋଲାଇ ହରି
ଏବେ ଭଜିଲା ମଥୁରା ଚତୁରୀ ।।୨।।
କୁବୁଜାକୁ କରିଅଛି ସୁନ୍ଦର
ତାରେ ଭଜି କୃଷ୍ଣ ହେଲା କୋଏର ।।୩।।
ଯାହା ଲାଗିଣ କୁଳ ତେଜା କଲୁ
ସେ କାହ୍ନୁ ମନ ଧରି ନପାରିଲୁ ।।୪।
ନୟନୁ ନୀର ଧାରା ନ ରହଇ ।
କାହ୍ନୁ ଗୁଣି ତ ଜୀବନ ନ ଯାଇ ।।୫।।
ସେ ରାଧାକୃଷ୍ଣ ଚରଣ ସୁରସ ।
ନୃପ ଧନଞ୍ଜୟ ଚିନ୍ତେ ଅହର୍ନିଶ ।।୬।।

●●●

Digitized by PPRACHIN, SOA

ମୋର ଜୀବନ ଧନ...

(ରାଗ–କଳହଂସ କେଦାର)

ମୋର ଜୀବନ ଧନ ପରାଣ ମଣି
କି କରି ବଞ୍ଚୁଥିବୁ ଘୋର ରଜନୀ ରେ
ଆରେ ନବ ତରୁଣୀ ।
ତୋ ଗୁଣ ଶୁଣି ନ ସରଇ ରଜନୀରେ ।୧।
ତେଜିଥିବୁ ବେଶ ବସନ ତୋର ।
ତୁଙ୍ଗ କୁଚ ପରେ ନଥିବ ହାରରେ
ଆରେ ହେମ ଗଉରୀ ।
ମାରୁଥିବ ତୋତେ ହର ବଇରୀ ।୨।
ବିଧୁ ମୁଖ ଦିଶୁଥିବ ବିରସ
ନଥିବ ମୁଖେ ତୋ ମଧୁର ହସ ।
ଆରେ ଜୀବନ ଧନି !
ଗରୁ ମଣୁଥିବୁ ଝିନପତନୀ ରେ ।
ତେଜୁଥିବୁ ନେତ୍ରୁ ଅଶ୍ରୁ ସନ୍ତତି
ମାର ଶର ସେ କାଟୁଥିବ ଧାତିରେ
ଆରେ ପ୍ରାଣ ଈଶ୍ୱରୀ ।
ତୋ ବିନୁ ପାପୀ ମୁହିଁ ଦେଶାନ୍ତରୀରେ ।୪।
ମୋତେ କହିବା ବଚନ ଭଙ୍ଗିମା
ପ୍ରକାଶ ନଥିବ ସେ ସୁଖ ସୀମାରେ ।
ଆରେ ହେମଲତିକା !
ଶିରୀଷ କୋମଳୁ ନବ ବାଳିକା ରେ ।୫।
ତୋ ବିନୁ କିମ୍ପା ଜୀବ ଅଛି ମୋର ।
ନ ନିଅଇ କେ କୁସୁମ ଶରରେ
ଆରେ ଚନ୍ଦ୍ର ବଦନା ।
ହା ହା ଲଭି ଦୁଃସହ ବେଦନାରେ ।୬।
ନୃପ ଧନଞ୍ଜୟ ଭଣେ ଏ ରସ
କାନ୍ତାକାନ୍ତ କେଳି ଅତି ସରସ ରେ
ଆହେ ରସିକ ଜନ !
ସୁମନେ ଏ ରସ କରିବ ପାନ ।୭।

●●●

Digitized by PPRACHIN, SOA

ବାରିଦ କହ ପ୍ରିୟା ଛାମୁର...

(ରାଗ–କେଦାର)

ବାରିଦ କହ ପ୍ରିୟା ଛାମୁର ।
ବିନୋଦି କହିବୁ ମୋର ଉତ୍ତର ।।ପଦ।।
ତାର ବିନୁ ସର୍ବ ମଣିଲି ବିଷ
ନିମିଷ ହୋଇଲା କୋଟି ବରଷ ।୧।
ଚନ୍ଦ୍ର ବଦନୀ ମୋ ଗଳାର ହାର।
ତା ବିନୁ ମଣିଲି ଜଗତ କାରା ।୨।
ଘନ ଜଘନୀ ସେ ମୋ ପ୍ରାଣ ମଣି
ଅନଙ୍ଗ ଶର ସରଣି ବାରେଣୀ ।୩।
ମୋର ଅଙ୍କେ ଲୀନ ହୋଇ ସୁକେଶୀ
ଯାହା କହିଅଛି ମଧୁର ହାସୀ ।୪।
ସେଭାବ ଚିନ୍ତି ନ ସରଇ ଦିନ
ସନ୍ତତ ଦହୁଛି ମୀନକେତନ ।୫।
ସେ ମୋର ପ୍ରାଣ ଜୀବନ ଈଶ୍ୱରୀ
କରୁ ରକ୍ଷା ବୃଷଭାନୁ କିଶୋରୀ ।୬।
ନୃପ ଧନଞ୍ଜୟ ଭଣେ ଏ ରସ ।
ଶ୍ରୀକୃଷ୍ଣ ଚରଣେ ଦେଇ ମାନସ ।୭।

●●●

କୋକିଳ କହ ପ୍ରିୟାକୁ...

(ରାଗ–କେଦାର)

କୋକିଳ କହ ପ୍ରିୟାକୁ ଯାଇ
ତା ବିନୁ ନିମିଷ ଯୁଗ ମଣାଇ ।ପଦ।
ଭୃଙ୍ଗ ଝଙ୍କାର ଅତି ଅନିର୍ବାର ।
ମଳୟାନିଳ ଦହେ ତନୁ ସାର ।୧।
ଚନ୍ଦ୍ରମା କର ଚଣ୍ଡକର ଜାଳ ।
ଚନ୍ଦ୍ରଚନ୍ଦନ ଯେସନେ ଗରଳ ।୨।
ମୋତେ ଦୟା ଥିଲେ ମୃଗଲୋଚନା ।
ଉଦନ୍ତ ଦେବୁ ମରାଳ ଗମନା ।୩।

Digitized by PPRACHIN, SOA

ମଧୁ ଋତୁ ମଧୁବନେ ମୋ ମନ ।
ମଦିରାକ୍ଷୀ ବିନୁ ଲଭେ ଉଚ୍ଛନ୍ନ ।୪।
ମୋର ସନ୍ଦେଶ କହିବୁ ତୁରିତ ।
ମୋର ପ୍ରାଣପ୍ରିୟା ମୋର ଜୀବ ତ ।୫।
ଭଣେ ଧନଞ୍ଜୟ ଭଞ୍ଜ ରାଜନ ।
ରାଧାକୃଷ୍ଣ ବେନି ପ୍ରେମ ନିଧାନ ।

●●●

କର କମଳେ ତୋ...

(ରାଗ–କେଦାର)

କର କମଳେ ତୋ ମୁଖ କମଳ
କରି ବସିଲୁ ତୁ ଯୁବତୀ ବର ।।ପଦ।।
ମିତଣୀ ମୋରେ ନହୁଅ ବିରସ ।
ଜାଣ ମୁଁ ତୋର ରତିକେଳି ଦାସ ।୧।
ତେଜୁଛୁ ନୟନୁ ଅଶ୍ରୁ ସନ୍ତତି ।
ଦେଖି ଦହୁଛି ମୋ ହୃଦୟ ମତି ।୨।
ଶରତ ସିଂତାଂଶୁ ଜିଣି ଲପନ ।
ସେ କିମ୍ପା ଏବେ କୋକନଦ ବର୍ଣ୍ଣ ।୩।
ପୃଥୁଳ ପୀନ ପୟୋଧର ଭାର ।
ଏ କିସ କାରଣେ ହେଲା ବିହାର ।୪।
ମୋରେ ଦୟାକର ମୃଗଲୋଚନୀ ।
ନୋହିଲେ ଜୀବ ନେବ ଚିତ୍ତଯୋନି ।୫।
କୁବଳୟ ନୀଳ ନୟନେ ତୋର ।
କୃପା ନୀର ସିଞ୍ଚ ମୋର ଉପର ।୬।
ଏସନେ ଶୁଣି ଶ୍ରୀକୃଷ୍ଣ ବିନୟ ।
ସରସ ହେଲା ରାଧିକା ହୃଦୟ ।୭।
ମାନ ତେଜିଣ ହସିଲା ତରୁଣୀ ।
ନୃପ ଧନଞ୍ଜୟ ଏ ରସ ଭଣି ।୮।

●●●

Digitized by PPRACHIN, SOA

କି କରୁଥିବ ସେ...

(ରାଗ-କେଦାର)

କି କରୁଥିବ ସେ ଚନ୍ଦ୍ରବଦନା,
ଚାରୁ ଚାମରୀ ଖଞ୍ଜନ ଲୋଚନା ।
ରମଣୀ ମଣି ମୋ ହେଲା ବିରହୀ,
ତା' ତନୁ କରିବ ଅତନୁ ଦେହୀ ।୧।

ମନ୍ଦେ ହସୁଥାଇ ମୋ ମୁଖ ଚାହିଁ,
ଅଳପ ଅଳପ ନେତ୍ର ଢାଳଇ ।
ବେଣୀ ରଞ୍ଜିଣ ଖଞ୍ଜିଣ ସୀମନ୍ତି,
ମୋ ପାଶେ ମିଳଇ ଡାଳିମ୍ବ ଦନ୍ତୀ ।୨।

ଚୀନ ଚେଳେ ଦିଶେ କୁଚ ଯୁଗଳ,
ଦେଖି ଚିତ୍ତ ମାର କରେ ତରଳ ।
ତାକୁ ଛାଡ଼ିଲି ମୋ ଧିକ୍ ଜୀବନ,
ନିମିଷେକ କୋଟି ଯୁଗ ସମାନ ।୩।

ଦିନେ ମୋ ଭୁଜ ପଞ୍ଜରେ ସୁତନୁ;
ଯାହା କରିଅଛି ଯିବ କି ମନୁ ।
କୋକିଳ ମଧୁପ ମଧୁର ବାଣୀ,
ତା ବିନୁ ଏ ହେଲା ଏବେ ଅଶନି ।୪।

ଏବେ ନିଶି ମୋର ନ ସରଇ
ତା ମୁଖପଦ୍ମ ବସି ଧ୍ୟାଇ ଧ୍ୟାଇ ।
ଘନେ ଯେସନେ ବିହରେ ଚଞ୍ଚଳା
ମୋ କୋଳେ କରୁଥାଇ ବାଳାଲୀଳା ।୫।

ମାର ମାରଣ କହିଲା ମୋହରେ ।
ତା ବିନୁ ରକ୍ଷା ନାହିଁ ଜଗତରେ ।
ସଚନ୍ଦନ କୁଚେ ଭିଡ଼ି ସୁନେତ୍ରୀ,
ଦାସ କରିଛି ମୋରେ ହେମଗାତ୍ରୀ ।୬।

ମନ ସତତ ହୋଏ ଅନିବାର
କାମ କେଳି କଳା ଚିନ୍ତି ତାହାର ।

Digitized by PPRACHIN, SOA

ଶୟନ ଭୋଜନ ବିଷ ସମାନ ।
ବାଣୀ ସୁଧା ଦାନେ ରଖୁ ଜୀବନ ।୭।
ଜୀବନ ଈଶ୍ୱରୀ ନବନାୟିକା,
ତାକୁ ଛାଡ଼ିଣ ମୁଁ ହୋଇଲି ଏକା ।
ତା'ର ଆଜ୍ଞା ଲଂଘି ଏତେକ ଦିନ,
ରହିଲି ଯେଣୁ ଏହୁ ମୂଢ଼ ପଣ ।୮।
ଦୋଷ ଜାଣିଣ ଦଣ୍ଡିବ ସୁହାସୀ
କଣ୍ଠ ତଟରେ ଭିଡ଼ି ବାହୁପାଶି ।
ପ୍ରିୟା ଦୁଃଖେ ଦୁଃଖୀ ବର ପୁରୁଷ,
କହେ ମରୁତେ ବିଦେଶେ ସନ୍ଦେଶ ।୯।
ନୃପ ଧନଞ୍ଜୟ ଏ ରସେ ଭଣେ ।
ଚିତ୍ତ ନୀଳାଚଳ ପତି ଚରଣେ ॥

●●●

ମଧୁ ରତେ କାନ୍ତ...

(ରାଗ-କେଦାର)

ମଧୁ ରତେ କାନ୍ତ ବିଦେଶ ଗଲା,
ସେ ଦିନୁ ନ ଜାଣଇ କେଳିକଳା ॥
ଏବେ ମୁଁ ନବ ଯଉବନ ଭାରି,
ପ୍ରିୟ ଗୁଣ ଗୁଣି ଦିନ ନ ସରି ।।୧।।
ନ ଦେଖିଲି ତା'ର ଚନ୍ଦ୍ର ବଦନ
ଜୀବନ ନାଶୁଛି ମୀନକେତନ ।
କାନ୍ତଦେଶରେ କି ବସନ୍ତ ନାହିଁ
କିବା ବନପ୍ରିୟ ନ ରାବେ ତହିଁ ।।୨।।
ତହିଁ କିବା ମୂଳ ମଧୁପ ମାଳି ।
ବିକଚ କୁସୁମେ ନକରେ କେଳି ।୨।
କିବା ତହିଁ ନାହିଁ ଶଶିକିରଣ,
ତହିଁ କି ନାହାନ୍ତି ବିରହୀ ଜନ ।।୩।।
ହର ଅଛନ୍ତି କି ସେହୁ ଦେଶରେ ।
ଅନଙ୍ଗ ନ ଯାଇ ମରିବା ଡରେ ।
କିବା ତହିଁ ନୋହେ ରାତ୍ର ଦିବସ ।
ନୃପ ଧନଞ୍ଜୟ ଭଣେ ଏ ରସ ।।୪।।

●●●

Digitized by PPRACHIN, SOA

ଦେଖି ନବଘନ...

(ରାଗ-କାମୋଦୀ)

ଦେଖି ନବଘନ, ଚିନ୍ତି ପ୍ରିୟା ଗୁଣମାନ
କହେ କାମକାଣ୍ଡେ ହୋଇଣ ଦୁଃଖିତ ପୁରୁଷ ରତନ ।୧।

ତୁ ମୋର ଜୀବନ । ଆରେ ରମଣୀ ରତନ ।
କେମିତି କରି ଏ ଘନକୁ ଅନାଇଁ ରଖିବୁ ଜୀବନ ।୨।

ଜୀବନ ତୁ ମୋର, ବିହି ବିହିଲା ଅନ୍ତର ।
ଅନ୍ତର ହୋଇଲେ ଅନ୍ତରେ ତୁ ଅଛୁ ଯୁବତୀଙ୍କ ବର ।୩।

ନବୀନ କିଶୋରୀ, ନବ ସୁରତି ମାଧୁରୀ
ନାହିଁ ନାହିଁ କରି ମୁଖ କମ୍ପାଇବା ସେହି ତୋ ଚାତୁରୀ ।୪।

ନବ ସଙ୍ଗମରେ, ଯାହା ବୋଇଲୁ ମୋହରେ
ନାହିଁ ନ ଜାଣଇ କି କରିବି ପ୍ରାଣ ସୁରତି ତୋହ ରୁଷାରେ ।୫।

ସେ କଥା ତୋ ଚିନ୍ତି, ଏବେ ବଢୁଛି ବିପତ୍ତି,
ବିପଦ ଉପରେ ବିପଦ ଦେଉଛି ଅନଙ୍ଗ ନୃପତି ।୬।

ନବ ଯଉବନ, ଗାଢ଼େ କରଇ ମଦନ ।
ନାହିଁ ନାହିଁ ଇସି ଇସି ଭାସୁଥାଇ କୋକିଳ ବଚନ ।୭।

ଦେଖି ଘନାଘନ, ଘେନିକରୁ ଆଲିଙ୍ଗନ,
ଘଡ଼ିଏ ନ ଛାଡୁ ମୋର ଅଙ୍ଗେ ଘନେ ହୋଇ ଯାଉ ଲୀନ ।୮।

ନିଦ ଅବସରେ, ଢ଼ଳି ପଡୁଥିବୁ ହୃଦରେ,
ତିକ୍ଷ ନଖଘାତେ ବାଜନ୍ତେ ମୁଖ ଚୁମ୍ବିଲେ ସତ୍ୱରେ ।୯।

ବସ ବୋଇଲେ ନ ବସୁ, ମୋର ମୁଖ ଚାହିଁ ହସୁ,
ଆଲିଙ୍ଗନ କରି ହୃଦରେ ପଡ଼ନ୍ତେ ରତି ରସେ ରସୁ ।୧୦।

Digitized by PPRACHIN, SOA

ଚନ୍ଦନେ ଭୂଷିତ ହୋଇ, ଉରଜ ଦିଶେ ଶୋଭିତ
ମୋର ନଖ ଦନ୍ତ କ୍ଷତ କରି ଦିଶଇ ରଞ୍ଜିତ ।୧୧।

ରଣରଣ ତୋ ନୂପୁର, କରୁଥାଇ ଉଚ୍ଚସ୍ୱର ।
ରତିରଣେ ଜିଣି କୋଏର କରିଣ ରଖୁଛୁ ପାଶର ।୧୨।

ଝମକେ ଝୁଣ୍ଟିଆ, କାମ ନୃପର ଖୁଣ୍ଟିଆ ।
ନ ଶୁଣି କର୍ଣ୍ଣ ମୋ ବିଫଳ ହୋଇଲା ଫାଟୁଅଛି ହିଆ ।୧୩।

କେତକୀ ପାଖୁଡ଼ି ପ୍ରିୟ ଦେଲି ମୁଁ ସଜାଡ଼ି,
ପୀରତି ମୋ ହୃଦରେ ପଡ଼ିଲୁ ଗଳେ ଗଳା ଭିଡ଼ି ।୧୪।

ନୀବି ବାନ୍ଧିବା ସୁସଞ୍ଜ, ଦିଶୁଥାଇ ଅତି ଘଞ୍ଜ,
ଅନଙ୍ଗ ଶରରେ ଧରନ୍ତେ ବୋଲୁ ଯେ ବନ୍ଧୁ ମୁଞ୍ଜମୁଞ୍ଜ ।୧୫।

ଡିଙ୍ଗର ମଦନ, ଏ ଯେ ନାଶୁଛି ଜୀବନ ।
ଚିନ୍ତାମଣି ଚିନ୍ତିତ ହୋଇଣ ନ ଗଲା ପରାଣ ।୧୬।

ଛାମୁରେ ବସିଣ, ଚିତ୍ର କରନ୍ତେ ଲେଖନ ।
ଅଧରୁ ସୁଧାଦାନ ଦେଇ ବୋଇଲୁ ଆକୁ ତୁ ମୋ ଜନ ।୧୭।

ଚମ୍ପାରୁ ମହକ, ତନୁ ଅଟଇ ଝଲକ ।
ଝିନବାସ ଫୁଟି ଦିଶୁଥାଇ ଅଙ୍ଗ ସୁନ୍ଦର ତିଳକ ।୧୮।

ରତିକଳ୍ପଲତା, ତୁ ଯେ ମୋହର ବନିତା,
କୃପାସିନ୍ଧୁ କୃପାକଲେ ସରିବ ଦୁଃସହ ଏ ଚିନ୍ତା ।୧୯।

କାମୁକ ରତନ, ତେଜେ ତନୁର ଯତନ ।
ନୃପ ଧନଞ୍ଜୟ ଭଣେ ପ୍ରିୟା ଚିନ୍ତି ହୋଇଲା ବିମନ ।୨୦।

●●●

Digitized by PPRACHIN, SOA

ମଙ୍ଗଳ ଗୀତ–୧

ଚାରିକାନ୍ଥ ଧଉଳନ୍ତି ପନୀର ଜଳ
ବିରି ମୁଗ ଚୂରା ହେବ ନନ୍ଦରାଜା ଘର
ଡାକ ଡାକ ନନ୍ଦରାଣୀ ସାହି ପଡଶୁଣି
ଡାକ ଡାକ ନନ୍ଦରାଜା ଗୋପ ଗଉଡୁଣୀ
ଗୋପ ଗଉଡୁଣୀ ହସ୍ତେ ଖଣ୍ଡି ଖଣ୍ଡି ଗୁଆ
ସାଇ ପଡ଼ଶୁଣୀ ହସ୍ତେ ଶିଳ ଶିଳପୁଆ ।
ପାଟର ଖରଡ଼େ ବଳରାମ ବସାଇଲେ
ଅହ୍ୟ ନାରୀମାନେ ମିଶି ମଙ୍ଗଳଣ କଲେ ।
ସେହି ଶିଳ ଗର୍ଭେ ଥୋଇଲେ ଗୋଟା ମୁଗ
ସାତ ଅହ୍ୟ ବସିଣ ଚୂରନ୍ତି ବେଗ ବେଗ ।
ମାତାଙ୍କ ସଙ୍ଗତେ ମିଶି ଖୁଡ଼ି ଜଣ ଦୁଇ ।
ରାମ ତ୍ରିମୁଣ୍ଡିରେ ପାନ ଥୋଇଲେ ତୁଳାଇ ।
ଅଭଙ୍ଗ ଉତ୍ତରେ ଶିଳ ଗୁଆ ବୁଡ଼ାଇଲେ ।
ରାମ ଶିରେ ବିଧିମତେ ନେଇଣ ଠୁକିଲେ ।
ଛନ୍ଦକ ମର୍ଦ୍ଦକ ଆସି ମିଳିଲେ ବହନ ।
ଗନ୍ଧସି ହୋଇବେ ପ୍ରଭୁ ଦେବକୀ ନନ୍ଦନ ।
ରେବତୀ ବସାଇ ମାଏ କରନ୍ତି ମଙ୍ଗଳ
ଚନ୍ଦନର ଧାରା ବହେ ଚାମୁଣ୍ଡିଆ ତଳ ।
ବିରିମୁଗ ଚୂରାସାରି ସେଠାରୁ ବିନଏ ।
ନୃପ ଧନଞ୍ଜୟ ରାମ ପାଦପଦ୍ମ ଧ୍ୟାଏ ।

●●●

Digitized by PPRACHIN, SOA

ମଙ୍ଗଳ ଗୀତ–୨

ବଶିଷ୍ଠ ଯେ କହୁଛନ୍ତି ଦଶରଥେ ଚାହିଁ
ବିଭାର ମୁକୁଟ ଆଣିବା ଅନୁକୂଳ ଏହି ।
ଏହା ଶୁଣି ଦଶରଥ ସୁମନ୍ତକୁ ରାଇ
ମକୁଟ ଅଣାଅ ବୋଲି ବେଗେ ଆଜ୍ଞା ଦେଇ ।
ସୁମନ୍ତ ମନ୍ତ୍ରୀବର ଯେ ତହୁଁ ଚଳିଗଲେ ।
ଅହ୍ୟ ବ୍ରାହ୍ମଣୀ ଦିଜଣ ବହନ ଆଣିଲେ ।
ନୂଆ ବସନ ପିନ୍ଧାଇ ବ୍ରାହ୍ମଣ ପିଲାଙ୍କୁ ।
ବନ୍ଧାଇ ସୁବର୍ଣ୍ଣ ଥାଳି ଦେଲେ ତା' ହସ୍ତଙ୍କୁ ।
ଗାଇଲେ ମଙ୍ଗଳ ଗୀତ ଦେଲେ ହୁଳହୁଳୀ
ପଞ୍ଚଶର ବାଦ୍ୟ ନାଦେ ସିନ୍ଧୁକି ଉଛୁଳି ।
ଚିତ୍ରକାର ଘରେ ଯାଇ ପ୍ରବେଶ ହୋଇଲେ
ମକୁଟକୁ ବନ୍ଧାଇଣ ବହନ ଆଣିଲେ ।
ଗଉତମ ଋଷି ସଙ୍ଗେ ବିଜୟେ କରିଲେ ।
ଧନଞ୍ଜୟ ଭଞ୍ଜ ଏହା ଗୀତରେ ଭଣିଲେ ।

●●●

Digitized by PPRACHIN, SOA

ମଙ୍ଗଳ ଗୀତ—୩

ଏଥୁ ଅନନ୍ତରେ କଥା ଶୁଣ ଦିବ୍ୟ ରସ
ରାମ ଚନ୍ଦ୍ର ସ୍ୱନକ୍ଷତ୍ର ହେବେ ଦିବ୍ୟ ବେଶ ।
ଶ୍ୱେତଦଳ ପଦ୍ମ ଲେଖି ତଣ୍ଡୁଳ ବାଢ଼ିଲେ ।
ଶ୍ରୀଫଳ ଥୋଇଣ ପୂର୍ଣ୍ଣ କୁମ୍ଭ ବସାଇଲେ ।।
ସେହିଠାରେ ଆବରଣ ଥୋଇଲେକ ଆଣି ।
ସୁବେଶ ହୋଇବେ ବୋଲି ରଘୁ କୁଳମଣି ।।
ଗାଇଲେ ମଙ୍ଗଳ ଗୀତ ଦେଲେ ହୁଳହୁଳୀ ।
ବାହାରେ ବାଜଇ ଗୀତ ମଙ୍ଗଳ ମହୁରୀ ।।
ମାତା ତାଙ୍କ କଉଶଲ୍ୟା ସୁବେଶ କରାନ୍ତି ।
ରାମଚନ୍ଦ୍ର ମୁଖ ଦେଖି ଆନନ୍ଦ ହୁଅନ୍ତି ।।
କେଶକୁ ରଞ୍ଜିଣ ଗଭା ତ୍ରିମୁଣ୍ଡି ବାନ୍ଧିଲେ ।
କର୍ଣ୍ଣରେ କୁଣ୍ଡଳ ଦେଇ ମୁକୁଟ ଖଞ୍ଜିଲେ ।।
ନବରତ୍ନ ପଦ୍ମଯେ ହୃଦରେ ଖଞ୍ଜିଲେ ।
କନକର ବାଳି ଚାନ୍ଦ ଶ୍ରୀଭୁଜେ ବାନ୍ଧିଲେ ।।
ସୁବର୍ଣ୍ଣର ଖଡ଼ିକି ଯେ ଶ୍ରୀହସ୍ତରେ ଶୋଭା ।
ଦଶ ଅଙ୍ଗୁଷ୍ଠିରେ ମୁଦି କି ଉପମା ଦେବା ।।
ଏହିପରି ରାମଚନ୍ଦ୍ର ସ୍ୱ ନକ୍ଷତ୍ର ବେଶ ।
ନୃପ ଧନଞ୍ଜୟ ଭଞ୍ଜ କହେ ଏହୁ ରସ ।।

●●●

Digitized by PPRACHIN, SOA

ମଙ୍ଗଳ ଗୀତ–୪

ଜଗନ୍ନାଥ ନାମଧରି ଦିନେକର ସୀତା ।
ଈଶାଣରେ ଜଳ ଦେଲେ ଜନକ ଦୁହିତା ।।

ଶ୍ରୀମହାପ୍ରସାଦ ସୀତା ଈଶାଣରେ ଦେଲେ ।
ପିତୃ ଦେବତାଙ୍କୁ ସୀତା ସନ୍ତୋଷ ଯେ କଲେ ।।

କର୍ପୂର ଚୂଆ ଚନ୍ଦନ ଈଶାଣରେ ଦେଲେ ।
ପିତୃ ଦେବତାଙ୍କୁ ସୀତା ସନ୍ତୋଷ କରାଇଲେ ।।

ଦଧି ଗୁଡ଼, ଛେନା, ପଣା ଈଶାଣରେ ଦେଇ ।
ପିତୃଦେବତାଙ୍କ ମନ ସନ୍ତୋଷ କରାଇ ।।

ରାଧାକୃଷ୍ଣ ଚରଣରେ ରହୁ ମୋର ମତି ।
ଗୀତରେ ଭଣିଲେ ଧନଞ୍ଜୟ ନର ପତି ।।

●●●

Digitized by PPRACHIN, SOA

ଭଞ୍ଜ ସଙ୍ଗୀତମାଳା : ଏକ ଅଧ୍ୟୟନ

ମଧ୍ୟଯୁଗ ଓଡ଼ିଆ ସାହିତ୍ୟର ମୁଖ୍ୟ ବିଭବ ଥିଲା ସଂଗୀତ । ସଂଗୀତ ବିହୀନ ସାହିତ୍ୟର ପରିକଳ୍ପନା ସେତେବେଳେ ଏକପ୍ରକାର ଅସମ୍ଭବ ଥିଲା । କଥାବସ୍ତୁ ଯାହା ହେଉନା କାହିଁକି ସ୍ୱର, ତାଳ, ରାଗ ଓ ଲୟର ଚମତ୍କାରିତା ଯୋଗୁ ଅତୀତରୁ ଅଦ୍ୟାବଧି ଏ ସାହିତ୍ୟ ଆଦୃତ । ତତ୍କାଳୀନ କବିକୁଳ ସଂଗୀତ ଶାସ୍ତ୍ରରେ ଦକ୍ଷ ଥିଲେ । ମଧ୍ୟଯୁଗ ଓଡ଼ିଆ ସାହିତ୍ୟର ଲବ୍ଧପ୍ରତିଷ୍ଠ ସ୍ରଷ୍ଟା ଉପେନ୍ଦ୍ରଭଂଜ କେବଳ କବିସମ୍ରାଟ ନଥିଲେ, ଥିଲେ ମଧ ସଂଗୀତ ସମ୍ରାଟ । ସାଙ୍ଗୀତିକ ଲାବଣ୍ୟର ମଧୁଲହରୀରେ ସିକ୍ତ ତାଙ୍କ ରଚନାମାଳାର ବେଳାଭୂମି । ତାଙ୍କ ରଚିତ କାବ୍ୟଗୁଡ଼ିକ ଯେପରି ହୃଦୟଗ୍ରାହୀ, ସଂଗୀତଗୁଡ଼ିକ ସେପରି ଶ୍ରୁତିମଧୁର ଓ ମର୍ମସ୍ପର୍ଶୀ ।

ସାଙ୍ଗୀତିକତାର ମନମୋହିନୀ ସ୍ପର୍ଶ ସହିତ ପ୍ରୀତିପ୍ରବଣତାର ମଧୁମଞ୍ଜୁଳ ଅଭିବ୍ୟକ୍ତି ଭଂଜସଂଗୀତକୁ କରିଛି ଶୋଭାଶ୍ରୀ ବିମଣ୍ଡିତ । ଯେତେଥର ଶୁଣିଲେ ବିରକ୍ତି ଆସେ ନାହିଁ, ବରଂ ପୁନଃପୁନଃ ଶୁଣିବାର ଇଚ୍ଛା ଜାଗ୍ରତ ହୁଏ । ଆଦିରସର ଅଭିଷେକ ଓ ନିରାଜନା ବହୁ ଭଂଜ ସଂଗୀତରେ ପରିଦୃଷ୍ଟ ହୁଏ । ନବରସ ଭିତରେ ଆଦିରସ ଶ୍ରେଷ୍ଠ ବୋଲି କୁହାଯାଇଛି ।

'ଶୃଙ୍ଗାର ଏବ ପ୍ରଥମଃ ପରପ୍ରହ୍ଲାଦନୋ ରସଃ
ତନ୍ମୟଂ କାବ୍ୟମାଶ୍ରିତ୍ୟ ମାଧୁର୍ଯ୍ୟଂ ପ୍ରତିତିଷ୍ଠତେ ।'

ଭାରତ ବର୍ଷରେ ପ୍ରେମର ପବିତ୍ରତା କାଳେକାଳେ ସୁରକ୍ଷିତ । ଏହା ଶାସ୍ତ୍ରସମ୍ମତ ଚତୁର୍ବର୍ଗରୁ ଏକ ବର୍ଗ । ଏ ଦିଗରେ ସଂସ୍କୃତ ସାହିତ୍ୟର ପ୍ରାଚୀନ ସ୍ରଷ୍ଟାଗଣ ଯେଉଁ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି, ତାହାର ତୁଳନା ନାହିଁ । କବିଗୁରୁ କାଳିଦାସଙ୍କ ସମେତ ଶ୍ରୀହର୍ଷ ଓ ବିଶାଖାଦତ୍ତ ଏ ଦିଗରେ ଏକ ଏକ ସୁବର୍ଣ୍ଣକୀର୍ତ୍ତିସ୍ତମ୍ଭ । ଭାରତବର୍ଷରେ ପାଳିତ ମଦନ ଉତ୍ସବ ଓ ବସନ୍ତ ଉତ୍ସବର ପରଂପରା ପ୍ରେମର ଫଗୁ ବିଞ୍ଚିଦିଏ, ଜନମାନସରେ ପବିତ୍ରତାର ଗଙ୍ଗାଜଳ ସିଞ୍ଚିଦିଏ । ପ୍ରେମରେ ପ୍ରତିଶୋଧ ନଥାଏ, ଥାଏ ଅସରନ୍ତି ସହିଷ୍ଣୁତା । ପ୍ରେମ ଶାଶ୍ୱତ, ଅକ୍ଷୟ, ଅମର । ପ୍ରେମ କେବଳ ଦିଏ, ବିନିମୟରେ କିଛି ଦାବି କରେ ନାହିଁ ।

ଭଂଜ ସଂଗୀତର ମୁଖ୍ୟ ସ୍ୱର ହେଉଛି ପ୍ରେମ । ପ୍ରେମ ହିଁ ଜୀବନ, ଜୀବନ ହିଁ ପ୍ରେମ । ପ୍ରେମରେ ଫୁଲ ଫୁଟେ, ପ୍ରେମରେ ଝରଣା ଝରେ, କୋଇଲି ଗାଏ, ମୟୂର ନାଚେ,

Digitized by PPRACHIN, SOA

ପ୍ରେମ ବିନା ସବୁ ଶୁଷ୍କ, ସବୁ ନୀରସ । ଯେଉଁଠାରେ ପ୍ରେମ ନାହିଁ ବା ପ୍ରକାଶିତ ହେବାକୁ ଚାହେଁନାହିଁ ସେଠାରେ ଆସୁରିକତାର ରାଜତ୍ୱ ହିଁ ପ୍ରତିଷ୍ଠିତ ହୋଇଥାଏ । ଭଞ୍ଜ ଥିଲେ ପ୍ରେମର ପୂଜାରୀ । ପ୍ରେମର ନିରାଜନା ନିମିତ୍ତ ତାଙ୍କର ପ୍ରତ୍ୟେକ ସଙ୍ଗୀତ ଏକ ଏକ ପୂଜାଫୁଲ । କେତେବେଳେ ସେ ପ୍ରେମ ଶୃଙ୍ଗାର ରସ ଆଧାରିତ ତ ଆଉ କେତେବେଳେ ମଧୁର ରସରେ ପରିପ୍ଳାବିତ । ପୁଣି କେତେବେଳେ ତାହା ଭକ୍ତି ଭାବରେ ପରିପ୍ଳୁତ ।

ମୁଖ୍ୟତଃ କଥାବସ୍ତୁ ଦୃଷ୍ଟିରୁ ଭଞ୍ଜସଙ୍ଗୀତକୁ ତିନି ଭାଗରେ ବିଭକ୍ତ କରାଯାଇପାରେ । ଯଥା –

(୧) ଶ୍ରୀକୃଷ୍ଣଲୀଳାଭିତ୍ତିକ ସଙ୍ଗୀତ,
(୨) ଲୌକିକ ପ୍ରଣୟଭିତ୍ତିକ ସଙ୍ଗୀତ ।
(୩) ଭକ୍ତିଭିତ୍ତିକ ସଙ୍ଗୀତ

(୧) ଶ୍ରୀକୃଷ୍ଣଲୀଳାଭିତ୍ତିକ ସଙ୍ଗୀତ ।

ଶ୍ରୀକୃଷ୍ଣଙ୍କର ମାନବାୟିତ ରୂପ ଓ ତାହାର ପରିଚର୍ଯ୍ୟା ପ୍ରସଙ୍ଗ 'ମଲ୍ଲୀମାଳ ଶ୍ୟାମକୁ ଦେବି' ଶୀର୍ଷକ ସଙ୍ଗୀତରେ ବର୍ଣ୍ଣିତ । ଦେବତାଙ୍କୁ ମାନବ କରିବାର ଅମଳିନ ପ୍ରୟାସ 'ଯଥା ଦେବେ ତଥା ଦେହେ' ନ୍ୟାୟରେ ଏଥିରେ ମୂର୍ତ୍ତିମନ୍ତ । ଏଥିରେ ଶ୍ରୀକୃଷ୍ଣଙ୍କୁ ମଲ୍ଲୀମାଳ ଦେଇ ପାନଦେଇ ବିମୋହିତ କରି ନପାରିଲେ ଶିବଙ୍କ ପାଦରେ ନାୟିକାର ଶରଣ ନେବା ପ୍ରସଙ୍ଗ ଭିତରେ ଯେଉଁ ପ୍ରୀତିପ୍ରବଣତା ପ୍ରକଟିତ ହୋଇଛି ତାହାର ତୁଳନା ନାହିଁ । ଶ୍ରୀକୃଷ୍ଣଙ୍କ ଅଙ୍ଗରୁ ଝରିପଡୁଥିବା ଝାଳକୁ ନିଜ ପଣତ କାନିରେ ପୋଛି ଦେବାପାଇଁ ସେଇ ନାୟିକା ମନରେ ଅଶେଷ ଆଗ୍ରହ ରହିଛି ।

'ତା ଅଙ୍ଗରୁ ସ୍ୱେଦବାରି, ଯଦି ପଡୁଥିବ ଝରି
ମୋ ଦୃଷ୍ଟି ପଡ଼ନ୍ତେ କାନି ପଣତେ ମୁଁ ପୋଛିବି ।'

ଅନ୍ୟ ଏକ ସଙ୍ଗୀତ 'କହ କି କରିବି ବୁଦ୍ଧି ଦିଶୁନାହିଁ' ନାୟିକାର ବିରହାନୁଚିନ୍ତାକୁ ଭିତ୍ତିକରି ବିରଚିତ । ବିଚିତ୍ରକାମୋଦୀ ରାଗ ଆଧାରିତ ଏହି ସଙ୍ଗୀତରେ ବିପ୍ରଲମ୍ଭ ଶୃଙ୍ଗାରର ଘନୀଭୂତ ଆବେଗ ପରିଲକ୍ଷିତ ।

ଶ୍ରୀମତୀଙ୍କ କଣ୍ଠରେ କବି କହନ୍ତି–

'ଶେଯାଇ କୁସୁମ ଶେଯ, ସିଞ୍ଚି ତହିଁ ବିଧୁରଜ
କୁଞ୍ଜ ଝୀନ ବାସ ଆଜ , ସିଞ୍ଚିଲି ବରଜି ଲାଜ
ମୁଞ୍ଚିମତେ ଘୁଞ୍ଚିଲେ କି ପାଇଁ ଗୋ ପ୍ରିୟ ସହି !'

କୃଷ୍ଣପ୍ରୀତିରେସ୍ନିଗ୍ଧ ଅନ୍ୟଏକ ସଙ୍ଗୀତ ହେଉଛି 'ନୂଆ ନୂଆ ଦିନା କେତେ ମୋର ଅନୁରାଗ ଯେତେ' । ଏଥିରେ ଶ୍ୟାମ ବନ୍ଧୁଙ୍କ ପ୍ରୀତିର ସ୍ୱରୂପ ଅଙ୍କିତ ।

Digitized by PPRACHIN, SOA

'ଶ୍ୟାମ ବନ୍ଧୁ ପ୍ରୀତି ସେହିପରି
ଭାଙ୍ଗିଗଲେ ଆଉ ଯୋଡ଼ିତ ନ ପାରି ରେ ।'

ଭଞ୍ଜକବି ବିରଚିତ ଅନ୍ୟ ଏକ ସଙ୍ଗୀତରେ ଦୂତୀ ପ୍ରତି ରାଧାଙ୍କର ଅଭିଯୋଗ ତଥା ଅଭିମାନ ଭିତ୍ତିକ ଉକ୍ତି ଉପସ୍ଥାପିତ । ଶ୍ୟାମନାଗର କୁଞ୍ଜକୁ ନ ଆସିଥିବାରୁ ରାଧାଙ୍କ ଅନ୍ତର ପ୍ରତିକ୍ରିୟାରେ ଜର୍ଜରିତ । ଶ୍ୟାମ ଶିଖଣ୍ଡଚୂଳ ବୃତ୍ତରେ ରଚିତ 'ଖାଇ ମରିବି ବିଷ' ଶୀର୍ଷକ ଉକ୍ତ ସଙ୍ଗୀତରେ ପ୍ରାଣସଖୀକୁ ହୃଦୟ ବ୍ୟଥା ଜଣାଇ ରାଧା କହନ୍ତି ଯେ ସେ ଫୁଲଶେଯ ସଜାଇ ଅପେକ୍ଷା କରିଥିଲେ ମଧ୍ୟ କୃଷ୍ଣ ତାଙ୍କ ପୁରକୁ ଆସିଲେ ନାହିଁ । ନିଜ ପରି ଆଉ ଦୁଃଖୀ ସୃଷ୍ଟିରେ ନଥିବେ, ଏପରି କହି ନିଜକୁ ଧିକ୍କାର କରିଛନ୍ତି ରାଧା ।

'କ୍ଷିତିରେ ନାହିଁ କେହି ମୋ ପରି ଦୁଃଖୀ
ଖଳ ଫାନ୍ଦେ ପଡ଼ିଲି ସର୍ବ ଉପେକ୍ଷି ।'

'ସଙ୍ଗୀତ ମନାକଲିପରାତତେ' ଶୀର୍ଷକ ସଙ୍ଗୀତରେ ରାଧାଙ୍କ ପ୍ରତି ସଖୀର ବ୍ୟାଜ ନିନ୍ଦା ମିଶ୍ରିତ ସହାନୁଭୂତି ଉପସ୍ଥାପିତ । ସଖୀ କହିଛି ଯେ ମନା ନମାନି ଶ୍ରୀକୃଷ୍ଣଙ୍କୁ ବାରମ୍ବାର ଅନାଇ ଯେଉଁ ପରମାଦ ମଞ୍ଜିକୁ ରାଧା ନିଜ ଅନ୍ତରରେ ପୋତି ଦେଲେ ତହିଁରୁ ଆନନ୍ଦ ପ୍ରାପ୍ତିର ଆଶା କରିବା ବିଡ଼ମ୍ବନା ନୁହେଁ କି ? କଥା ଅଟକି ରହିନି, ଗୋପକଟକର କୋଣେ କୋଣେ ପ୍ରକଟ ହୋଇଛି । ତେଣୁ କେବଳ ଲୁହପୋଛା ଯୋଗ ଅଛି, କଥା ନଶୁଣିବାର ଏହା ତ ଯଥାଯୋଗ୍ୟ ଫଳ –

'ପର କି ମୁଁ ତୋର ତରକିଲୁ ଗିର
ପରଖତୁ ଏବେ ଚିତ୍ତେ
ତୁଚ୍ଛା ତୁ ଉତ୍ସାହ ଦେବାରୁ ତୋ ଇଚ୍ଛା
ସୁଖେ ଲୁହ ପୋଛା ଏତେ'

(୨) ଲୌକିକ ପ୍ରଣୟଭିତ୍ତିକ ସଙ୍ଗୀତ ।

ଆଶାବରୀ ରାଗରେ ରଚିତ 'ଆଜ ଦେଖିଲିରେ ନବୀନ ବୟସୀ ବାଳା' ଗୀତରେ ଯେଉଁ ଲଳିତ ଶବ୍ଦଚିତ୍ର ପ୍ରଦତ୍ତ ତାହାର ପଟାନ୍ତର ନାହିଁ । କଳସୀ କାଖରେ ଧରି ଚାଲିଯାଉଥିବା ବାଳାର ଅଳସୀ ଭଙ୍ଗୀ କବିଙ୍କୁ ମନ୍ତ୍ରମୁଗ୍ଧ କରିଛି । ମନେହୁଏ କବିଙ୍କର ସୁମଧୁର ଭାବବିଭା କାଶତଣ୍ଡୀ ଫୁଲ ପରି ଏଥିରେ ଅଜାଡ଼ି ହୋଇପଡ଼ିଛି ।

'ସୁନ୍ଦର କନ୍ଦର୍ପ ଦର୍ପଣ ପରାୟେ
ଝଟକୁ ଥିଲା ତା ମୁଖ
ଚାହିଁଲା ମାତ୍ରକେ କ୍ଷୟ ଗଲା ମୋର
ଅଙ୍ଗରୁ ଅନଙ୍ଗ ଦୁଃଖ ।'

Digitized by PPRACHIN, SOA

ଯେନତେନ ପ୍ରକାରେଣ ଏହି ବାଳାପ୍ରାପ୍ତିକୁ ସେ ଇଚ୍ଛା କରି ନାହାନ୍ତି ବରଂ ସେଥିପାଇଁ ଶିବସେବା କରିବା କଥା ଉଲ୍ଲେଖ କରିଛନ୍ତି । ଆମ ସଂସ୍କୃତିରେ ତପସ୍ୟାଚରଣ, ବିଭୂଶରଣ, ଶ୍ରେୟ ବସ୍ତୁ ପ୍ରାପ୍ତି ପାଇଁ ଅପରିହାର୍ଯ୍ୟ । କାରଣ ଏଇ ସଂସ୍କୃତି ହେଉଛି ତ୍ୟାଗ ଓ ତପସ୍ୟାର ସଂସ୍କୃତି । ଏଥିରେ ଏକନିଷ୍ଠ ତପସ୍ୟା ବ୍ୟତୀତ କୌଣସି କାର୍ଯ୍ୟ ଯଥାର୍ଥ ଭାବେ ସମାହିତ ହୋଇପାରେ ନାହିଁ ।

'କୋଟି କୋଟି ଶିବ ସେବା କରିଥିବ
ଯେ ଥିବ ଗଙ୍ଗାରେ ଧାୟି
ବୋଲେ ଉପଇନ୍ଦ୍ର କବିକୁଳ ଚନ୍ଦ୍ର
ତା ସଙ୍ଗ ଲଭିବ ସେହି ।'

ଦକ୍ଷିଣକାମୋଦୀ ରାଗରେ ରଚିତ 'ଆହା ମୋ ଲାବଣ୍ୟ ନିଧି' କବିତାରେ ନାୟକର ବିରହାନୁଚିନ୍ତା ପ୍ରକଟିତ । ବିରହରେ ପ୍ରୀତିର ସମୁଜ୍ଜ୍ୱଳତା ଅଧିକରୁ ଅଧିକ ଉଦ୍‌ଭାସିତ ହୋଇଥାଏ । ବିରହ ନଥିଲେ ମିଳନର ମାଧୁରିମା ବହୁଗୁଣିତ ହୁଏ ନାହିଁ । ବିରହର ହୃଦୟ ବିଦାରକ ଚିତ୍ର ନାୟକକୁ ମର୍ମାହତ କରିଛି ।

'ଯେଣିକି ଚାହିଁଲେ ଧନ ଦିଶେ ତା ଚନ୍ଦ୍ରାନନ
ଏବେ କେମନ୍ତେ ବଞ୍ଚିବି ଦିନରେ ।'

ଭଞ୍ଜକବିଙ୍କ ଜୀବନରେ କାନ୍ତା ବିରହ ଘଟିଥିବାରୁ ସେ ଥିଲେ ବ୍ୟଥାରେ ଜର୍ଜ୍ଜରିତ । ଜୀବନର ପ୍ରତିଟି ନିଃଶ୍ୱାସରେ ବିରହର ଦହନକୁ ଅନୁଭବ କରିଥିଲେ । ତେଣୁ ତାଙ୍କ ଲେଖନୀରେ ବିରହର ଚିତ୍ର ଅଧିକ ମାର୍ମିକ ଭାବରେ ପରିସ୍ଫୁଟ ।

କଳହଂସ କେଦାର ରାଗରେ ରଚିତ 'ଦ୍ୱିତୀୟା ଯାମିନୀରେ ମୋ ପ୍ରାଣସହୀ' ସଙ୍ଗୀତରେ ଯେଉଁ ରସାଳ ପରିବେଶ ଚିତ୍ରିତ ତାହା ରସିକ ପାଠକ ମନରେ ଭାବାନ୍ତର ସୃଷ୍ଟି କରେ । ଗବାକ୍ଷ ଫାଙ୍କରେ ଆସି କୋଠରୀରେ ବିଚ୍ଛୁରିତ ହୋଇଛି ଚନ୍ଦ୍ରକିରଣ । ତହିଁରେ ନାୟିକାର ମୁଖ ଆଭା ଝଟକି ଉଠିଛି । ସେହି ଆଭାରେ ନାୟକର ଆଖି ଝଲସି ଯାଇଛି । ବିଦଗ୍ଧା ନାୟିକାର ନୀରବତାର ଭାଷା ସେହି ପରିବେଶକୁ ଅତ୍ୟନ୍ତ ସ୍ୱର୍ଶକାତର କରିଛି ।

'ପ୍ରଦୀପ ହତ ଦେଖି କରନ୍ତେ ଲୋଡ଼ା
ତତ୍‌କ୍ଷଣେ ଫେଇଦେଲା ଗବାକ୍ଷ ପୁଡ଼ା ଯେ ।
ଚନ୍ଦ୍ରକିରଣେ ଚନ୍ଦ୍ରମୁଖ ଦିଶିଲା
ବସନାଞ୍ଚଳ ମୁଖେ ଦେଇ ହସିଲା ଯେ ।
ଗଭାରୁ କରବୀର କୁସୁମ ତିନି
କାଢ଼ି ପକାଇ ଦେଲା ଘନଜଘନୀ ଯେ ।

Digitized by PPRACHIN, SOA

ପ୍ରବାସୀ ନାୟକର ବିରହାନୁଚିନ୍ତା 'ଆହା ମୋ ଜୀବନ ଧନ' କବିତାରେ ରୂପାୟିତ । ଏହା ଖମ୍ବାଜ ରାଗରେ ରଚିତ । ଦୂରରେ ରହି ନାୟିକାର ମାନସିକ ଅବସ୍ଥା ଚିତ୍ରଣ କରିଛି ନାୟକ । ମାନସ ନେତ୍ରରେ ଦର୍ଶନ କରିଛି ବିରହିଣୀ ନାୟିକାର ମଳିନ ଚିତ୍ରକୁ –

'ଆଶା ପଲଙ୍କରେ ବସି ଭାଷା ଲେଖୁଥିବରେ
ଗଳେଥିଲା ମୋତିମାଳ, ତୁଟି ଲୋଟୁଥିବରେ
ଫିଟି ଲୋଟୁଥିବ କେଶ ଝାଳେ କଣ୍ଟୁଥିବରେ
ଝାଳେ ଜରଜର ହୋଇ ମଥା ପୋତିଥିବରେ ।'

ରମଣୀ ମନର ଆଶା ପ୍ରକଟିତ ହୋଇଛି ଅନ୍ୟ ଏକ ସଙ୍ଗୀତରେ ଯାହା ଆଷାଢ଼ଶୁକ୍ଳ ବାଣୀରେ ରଚିତ । ପ୍ରବାସୀ ନାୟକର ଫେରିବାରେ ବିଳମ୍ବ ହେବାରୁ ନାୟିକାର ମନ ଦୁଃଖରେ ଜର୍ଜରିତା । ଆକାଶରେ ଆସିଛି ଘନକୃଷ୍ଣ ମେଘମାଳା । ମେଘ ଆଗରେ କାଳିଦାସଙ୍କ ଯକ୍ଷ ପରି ମନର ଦୁଃଖ କହିଛି ଓ ମେଘକୁ ଦୂତ କରି ପଠାଇଛି ଭଞ୍ଜନାୟିକା । କାଳିଦାସଙ୍କ ପ୍ରଭାବରେ ଭଞ୍ଜକବି ଯେ ପ୍ରଭାବିତ ଏଥିରୁ ଏହାର ମିଳେ । ତେଣୁ 'ଉପମା କାଳିଦାସସ୍ୟ' ସହିତ ସ୍ୱରସାମ୍ୟ ରଖି କୁହାଯାଏ 'ଉପମା ଭଞ୍ଜବୀରସ୍ୟ' । ଭଞ୍ଜନାୟିକାର ଭାଷାରେ–

'ରମଣୀ ରତନ ମେଘକୁ ଚାହିଁ
କହିବୁ ମେଘରେ କାନ୍ତକୁ ଯାଇ ।'

ନାୟିକା ମନର ମୁଗ୍ଧ ଅନୁଭବ କବି ଲେଖନୀରେ ସ୍ପଷ୍ଟଭାବରେ ପରିସ୍ଫୁଟ । ନାୟିକାର ସ୍ମିତହାସ୍ୟ ନାୟକ ହୃଦୟରେ ଭରିଦେଇଛି ସୀମାହୀନ ଆନନ୍ଦ ।

ବ୍ୟଥା ଜର୍ଜରିତ କଣ୍ଠରେ ନାୟିକା କହିଛି –

'ଦୂରୁ ଦେଖି ଯେବେ ହସେ, ମୋ ଅଙ୍ଗେ ସୁଧା ବରଷେ
କେଉଁ ଅବିଗୁଣ ଚିନ୍ତି ମୋର
ଧନ୍ୟ କେ ଚତୁରୀ ନାରୀ ରଖିଲା ମନ୍ତର କରି
ଭଲା ଯତ୍ନ କରି ଭାଙ୍ଗି ଦେଲା ବିହି ରେ ସହଚରୀ ।'

ଆଷାଢ଼ ଶୁକ୍ଳବାଣୀରେ ବିରଚିତ ପ୍ରବାସୀ ନାୟକର ଭାବନା ଭିତ୍ତିକ ଅନ୍ୟ ଏକ ସଙ୍ଗୀତ ''ବିଦେଶେ ନାୟକ ଭାଳଇ ବସି''ର ମର୍ମବାଣୀ ହେଉଛି ଅତୀତର ସ୍ମୃତିଚାରଣ । ରସିକ ନାୟକର ମାନସପଟରେ ଅଙ୍କିତ ସ୍ମୃତିଚିତ୍ର ଅନୁସାରେ–

'ଦିନେ ହୋଇଥିଲା ଘୋର ବରଷା
ବୋଇଲି ବାନ୍ଧବୀ ଖେଳିବା ପଶା
ପଶାଖେଳ ମୋତେ ଆସଇ ନାହିଁ
ଦାନ ପଡ଼ିଲେ ସାର ଦେବି ବାହି
ସେ ଚତୁରୀ ବାଳୀ
ସାର ବାଛିନେଲା ହଳଦୀ କାଳୀ ।'

Digitized by PPRACHIN, SOA

ବିଧାତାକୁ ଧିକ୍କାର କରିଛି ନାୟକ ଦୂରରେ ରହିଛି ବୋଲି । ପ୍ରବାସୀ ଜୀବନର ଭାବାବେଗ କବିକୃତିରେ ରୂପାୟିତ । ଚାନ୍ଦିନୀରାତିର ମିଳନ ମାଧୁର୍ଯ୍ୟ ନାୟକର ସ୍ମୃତିପଥାରୂଢ଼ ହୋଇଛି । ବିପ୍ରଲମ୍ଭ ଶୃଙ୍ଗାର ଅନୁଚିନ୍ତା ଘନୀଭୂତ ହୋଇଛି କବିକୃତ ଅନ୍ୟ ଏକ ସଙ୍ଗୀତରେ ଯାହା କାମୋଦୀ ରାଗରେ ରଚିତ । ସଙ୍ଗୀତର ଶୀର୍ଷକ ହେଉଛି "କାନ୍ତବିନା ଦିବା ରଜନୀ ସଜନୀ କୋଟି ଯୁଗ ସମ ହେଲାଟିରେ", ଏହି ସଙ୍ଗୀତରେ ବିରହିଣୀ ନାୟିକାର ମର୍ମ ବ୍ୟଥା ପ୍ରକାଶିତ । ରୀତି ସାହିତ୍ୟରେ ପ୍ରକୃତିର ପ୍ରଭାବ ନାୟକ ନାୟିକାଙ୍କର ଶୃଙ୍ଗାରିକ ଭାବନା ସହ ସମ୍ପର୍କିତ । କବିଙ୍କ ଭାଷାରେ –

'ଭାରିହେଲା ଆସି ଅଙ୍ଗକୁ ବସନ
ତଥିପରେ ଆଭରଣ ଏ ଭୂଷଣ
ଦେଖ ଦେଖ ସଖି ! ଏ ଝଞ୍ଜା ପବନ
କାମ ବାଣେ ପ୍ରାଣ ନେଲାଟିରେ ।'

ଚଉତିଶା ଶୈଳୀରେ ରଚିତ କବିଙ୍କ ଅନ୍ୟ ଏକ କୃତି ହେଉଛି 'କନକ କମ୍ବୁକୁ ମୋ ଚିତ୍ତ ଥାଉ' ସଙ୍ଗୀତ । ଏହା ଆଷାଢ଼ ଶୁକ୍ଳ ବାଣୀରେ ରଚିତ । ଏଥିରେ ନାୟକର ଚିଟାଉ ନାୟିକା ପାଖକୁ ପ୍ରେରିତ । ଭଞ୍ଜକବି ପ୍ରତିଟି ପାଦରେ ବର୍ଣ୍ଣମାଳାସ୍ଥିତ ପ୍ରତ୍ୟେକ ବର୍ଣ୍ଣକୁ ଆଦ୍ୟରେ ରଖି କ୍ରମାନ୍ୱୟରେ ସଙ୍ଗୀତ ରଚନା କରିଛନ୍ତି । ପାଠକ ହୃଦୟରେ ଭାବାନ୍ତର ଆଣିବାର ସାମର୍ଥ୍ୟରେ ଏହା ବିମଣ୍ଡିତ । ମାଳତୀ ଓ ମଧୁକର କହିବା ଭିତରେ ଭଞ୍ଜନାୟକ ବିପରୀତ ରତି କଥା କହିଛି ।

'ଡାଳିମ୍ବଦନ୍ତୀ ତୁ ଚନ୍ଦ୍ର ଚକୋର
ଢାଳେ ମୁଁ ଚାତକ ତୁ ଜଳଧର
ଅଙ୍ଗନା ମୁଁ ହଂସ ତୁ ମାନସର
ତଥା ତୁ ମାଳତୀ ମୁଁ ମଧୁକର ।'

କବିକୃତ ଅନ୍ୟ ଏକ ସଙ୍ଗୀତରେ ମାନଭଞ୍ଜନ ପ୍ରସଙ୍ଗ ଉପସ୍ଥାପିତ । ଏହା ଆଷାଢ଼ ଶୁକ୍ଳବାଣୀରେ ରଚିତ । ରସିକ ହୃଦୟର ମଧୁମୟ ଭାବ ବିଭବ ଏଥିରେ ମୂର୍ତ୍ତିମନ୍ତ ! ରାମାୟଣର ମୁଖ୍ୟ ଚରିତ୍ରଗୁଡ଼ିକର ନାମ ବ୍ୟଞ୍ଜିତ ଶବ୍ଦକୁ ନେଇ ସେଗୁଡ଼ିକୁ ଯଥାଯଥ ସ୍ଥାନ ଦେଇଛନ୍ତି କବି ଉକ୍ତ ସଙ୍ଗୀତରେ । 'ରାମ ନୟନୀ ସେ କେଳି ପ୍ରବୀଣା' ଏହି ପାଦରୁ ସଙ୍ଗୀତର ଆରମ୍ଭ । ମାନିନୀ ନାୟିକା ମୁହଁ ତଳକୁ ପୋତିବାର ଚିତ୍ର କବି ଲେଖନୀରେ "ସୀତା ମାତାକୁ ପୋତୁଛ ଲପନ" ଉକ୍ତି ମାଧ୍ୟମରେ ଚିତ୍ରିତ । ସୁଭରତ ପଦ, ମାର ଶତ୍ରୁଘନ ଶର, ତାରାପତି ମୁଖ, ସୁଗ୍ରୀବର ହାର, ବିଭୀଷଣର ବରଷା, ମେଘନାଦ ଶବଦ, ମନ୍ଦୋଦରୀ, ଲଙ୍କାରିଗମନା ଇତ୍ୟାଦି ପଦମାଳା ମଧ୍ୟରେ କବିଙ୍କର ଯଥାର୍ଥ ପଦବିନ୍ୟାସ ଦକ୍ଷତା ପ୍ରକଟିତ ହେବା ସଙ୍ଗେ ସଙ୍ଗେ ପାଣ୍ଡିତ୍ୟର ସ୍ୱର୍ଣ୍ଣିମ ଆଲେଖ୍ୟ ଅଙ୍କିତ ।

Digitized by PPRACHIN, SOA

(ଗ) ଭକ୍ତିଭିତ୍ତିକ ସଙ୍ଗୀତ

ଉପେନ୍ଦ୍ରଭଞ୍ଜ ପ୍ରୀତିର କବି ହେଲେ ହେଁ ଭକ୍ତିକୁ ସମ୍ପୂର୍ଣ୍ଣ ତ୍ୟାଗ କରି ନାହାନ୍ତି । ତାଙ୍କର କାବ୍ୟ ଓ ସଂଗୀତ ଉଭୟ କ୍ଷେତ୍ରରେ ବିଭୁଭକ୍ତି ଯଥାଯୋଗ୍ୟ ଆସନରେ ଆସୀନ । ସଂଗୀତ ମାନଙ୍କରେ ସେ ବହୁବାର ଶିବଙ୍କ ନାମ ଉଲ୍ଲେଖ କରିବା ସହିତ ତାଙ୍କ ପ୍ରତି ଅନ୍ତରର ଗଭୀରତମ ପ୍ରଦେଶରୁ ଭକ୍ତିଭାବ ପ୍ରକଟ କରିଛନ୍ତି । ନାୟକ ଓ ନାୟିକା ପରସ୍ପରକୁ ଅଧିକରୁ ଅଧିକ ନିକଟରେ ପାଇବା ପାଇଁ ଶିବକୃପା ଯେ ଏକାନ୍ତ ଆବଶ୍ୟକ ତାହା ମର୍ମେମର୍ମେ ଉପଲବ୍ଧି କରିଛନ୍ତି ।

ଶ୍ରୀଜଗନ୍ନାଥଙ୍କ ନିମନ୍ତେ ତାଙ୍କ ହୃଦୟରେ ଅସୀମ ଭକ୍ତିଭାବ ଥିଲେ ହେଁ ତାଙ୍କ ରଚିତ ଜଗନ୍ନାଥ ଭଜନ ଅଧିକ ସଂଖ୍ୟାରେ ମିଳିନାହିଁ । ଏକ ଭଜନରେ କବି ଶ୍ରୀଜଗନ୍ନାଥଙ୍କ ଚରଣତଳେ ଆତ୍ମସମର୍ପଣ ପୂର୍ବକ ତାଙ୍କର ମହିମା ଗାନ କରିଛନ୍ତି । ରାମ ଅବତାରର ମର୍ଯାଦା ଓ ବୀରତ୍ୱ ପ୍ରସଙ୍ଗ, କୃଷ୍ଣଲୀଳାର ଅନୁପମ ରାଗରଙ୍ଗ ଅତିକମ୍ ଶବ୍ଦରେ ଏଥିରେ ଉପସ୍ଥାପିତ ହୋଇଛି । ଗଜଉଦ୍ଧାରଣ, ମାର୍କଣ୍ଡ ଋଷିଙ୍କର ସୁରକ୍ଷା, ବାଳି ବିନାଶନ, ରାବଣ ନିଧନ, ହରିଣୀର ବିପଦ ଭଞ୍ଜନ ଓ ଦ୍ରୌପଦୀଙ୍କ ଲଜ୍ଜା ନିବାରଣ ପ୍ରସଙ୍ଗ ମାଧ୍ୟମରେ ପରମ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅସୀମ ମହିମା ବର୍ଣ୍ଣିତ ହୋଇଛି । ଏହି ଭଜନରୁ ପଦଟିଏ ଏହିପରି –

ଲକ୍ଷେ ଯୋଜନରେ ଗଜ ଡାକଦେଲା
ତା ଡାକ ଶୁଣିଲ ପଣା ଖେଳେ ।
ମାରକଣ୍ଡ ଋଷି ଯାଉଥିଲେ ଭାସି
ଉଦ୍ଧରି ଧଇଲ ବାମ କରେ ।।

ଆହେ ପ୍ରଭୁ କମଳାକାନ୍ତ ଶୀର୍ଷକ ଭକ୍ତି ସଙ୍ଗୀତରେ କବି ଶ୍ରୀକୃଷ୍ଣଙ୍କ ବର୍ଣ୍ଣନା ଓ ବନ୍ଦନା କରିଛନ୍ତି । ଶ୍ରୀକୃଷ୍ଣଙ୍କୁ ଫଣୀ ମରଦନ, ତୃଣା ବଇରି, ମୁରାରି, ତ୍ରିଭୁବନ ପତି, ମନ୍ଦରଧାରୀ ବୋଲି ସେ ଉଲ୍ଲେଖ କରିଛନ୍ତି । ନିଜର ଦୁଃଖ ଘେନା କରିବା ପାଇଁ ବାରମ୍ବାର ପ୍ରାର୍ଥନା ଜଣାଇଛନ୍ତି ଭଞ୍ଜକବି ।

ଦେବତାମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ଓ କଳାକୃତି ମଧ୍ୟରେ କୋଣାର୍କ ପରି ଉତ୍କଳର କବିମାନଙ୍କ ମଧ୍ୟରେ ଉପେନ୍ଦ୍ରଭଂଜଙ୍କ ସ୍ଥାନ ସ୍ୱତନ୍ତ୍ର । ତାଙ୍କ ଦ୍ୱାରା ବ୍ୟବହୃତ ଶବ୍ଦଗୁଡ଼ିକରେ ଅନନ୍ୟ ଶକ୍ତି ନିହିତ ଯାହାକୁ କାଳ କବଳିତ କରିପାରିନାହିଁ । ଅଦ୍ୟାବଧି ତାହା କାଳଜୟୀ ହୋଇ ରହିଛି ଏବଂ ଅନାଗତ ସୁଦୂର ଭବିଷ୍ୟତ ପର୍ଯ୍ୟନ୍ତ ତାହା ଅମ୍ଳାନ ରହିଥିବ ।

●●●

Digitized by PPRACHIN, SOA

ଉପେନ୍ଦ୍ରଭଞ୍ଜଙ୍କ ସଙ୍ଗୀତରୁ କିଛି...

Digitized by PPRACHIN, SOA

Digitized by PPRACHIN, SOA

ମାନ ଉଦ୍ଧାରଣ ...

(ରାଗ–ହନୁମତ ତୋଡ଼ି)

ମାନ ଉଦ୍ଧାରଣ କର ହେ କାରଣ
ଶରଣ ମୁଁ ତୁମ୍ଭ ପାଦ ତଳେ ।। (ଘୋଷା)

ଅନାଥର ନାଥ ନୀଳଗିରି ନାଥ
ଜଗନ୍ନାଥ ନାମ ନୀଳାଚଳେ
ମହୋଦଧି କୂଳେ କଳ୍ପବଟ ମୂଳେ
ବିଜେ କରିଛ ବଡ଼ ଦେଉଳେ ।।୧।।

ଲକ୍ଷେ ଯୋଜନରେ ଗଜ ଡାକ ଦେଲା
ତା' ଡାକ ଶୁଣିଲ ପଶାଖେଳେ
ମାରକଣ୍ଡ ଋଷି ଯାଉଥିଲେ ଭାସି
ଉଦ୍ଧରି ଧଇଲ ବାମ କରେ ।।୨।।

କିଷ୍କିନ୍ଧ୍ୟାକୁ ଗଲ ବାଳି ବିନାଶିଲ
ବନ୍ଧ ଯେ ବାନ୍ଧିଲ ସିନ୍ଧୁ ଜଳେ
ଲଙ୍କାରେ ରାବଣ ବଧିଲ ଆପଣ
ଜନକ ନନ୍ଦିନୀ ସୀତା ଛଳେ ।।୩।।

ଯୁଧିଷ୍ଠିର ବୋଲେ ହସ୍ତିନାକୁ ଗଲ
ଭୋଜନ କଲ ବିଦୁର ଘରେ
କୁରୁସଭା ତଳେ ଦ୍ରୌପଦୀ ଚିନ୍ତିଲା
କୋଟି ବସ୍ତ୍ର ଦେଲ ଅବହେଳେ ।।୪।।

ବଣପୋଡ଼ି ବେଳେ ଘୋର ଦାବାନଳୁଁ
ଉଦ୍ଧରି ରଖିଲ ବ୍ରଜବାଳେ
କହେ ଉପଇନ୍ଦ୍ର କବିକୁଳ ଚନ୍ଦ୍ର
ଶରଣ ମୁଁ ତୁମ୍ଭ ପାଦତଳେ ।।୫।।

●●●

Digitized by PPRACHIN, SOA

ଜୟ ଜୟ ଜଗନ୍ନାଥ

(ରାଗ–ମଙ୍ଗଳ ଗୁଜରୀ)

ଜୟ ଜୟ ଜଗନ୍ନାଥ ଦାରୁ ରୂପଧାରୀ
ନୀଳଗିରୀଶ ଗିରୀଶ ବନ୍ଦନୀୟ ହରି ।୧।

ମହାବଳ ବଳ ଅବରଜ ଭଦ୍ରାରାଜ
ଗରୁଡ଼ାସନ ସନକ ପୂଜ୍ୟ ଚତୁର୍ଭୁଜ ।୨।

ନୀରଦ ସୁନ୍ଦର ହର ହର ହରଷଦ
ଶମନ ମନରେ ଜାତ କର ମହାଖେଦ ।୩।

ସେ ପ୍ରଭୁ କମଳାକାନ୍ତ କାନ୍ତ ପଦଧ୍ୟାନେ
ଉପଇନ୍ଦ୍ର ବୀରବର ଅତି ତୋଷ ମନେ ।୪।

●●●

Digitized by PPRACHIN, SOA

ଆହେ ପ୍ରଭୁ କମଳାକାନ୍ତ...

(ରାଗ– ମିଶ୍ରମୁଖାରୀ)

ଆହେ ପ୍ରଭୁ କମଳାକାନ୍ତ ! ବିମଳା ବଲ୍ଲଭ ଯାମଳାତାରୀ !

ପକ୍ଷୀରାଜ ପୃଷ୍ଠବିହାରୀ, ଦୁଃଖିଜନ ଦୁଃଖ ନିବାରୀ
ଦେଖି ପଦ୍ମନାଭ ଅକରୁଣା ତବ
ଶୁଖି ଯାଉଅଛି ତନୁ ମୋହରି ।

ଭରସା ମୋ ମନ୍ଦରଧାରୀ, ନୀରଦକୁ ଚାତକ ପରି
ମୋତେ କଲେ ଭିନ୍ନ ପତିତପାବନ
ବାନାକୁ ହେବଟି ନିନ୍ଦା ତୁମ୍ଭରି ।

କୃପା ନଉକାକୁ ବିସ୍ତାରି, କୃପା କରି ନିଅ ଉଦ୍ଧାରି
ଭବଜଳଧିରେ ପଡ଼ି ମୁଁ ଅଛିରେ
ଭାସୁଛି ନିରେଖ ହୋଇ ମୁରାରି ।

ମୋହବଶେ ନିଷ୍ଠୁର ହରି, ନୁହ ଅଛି ମୁଁ ଅନୁସରି
ଜଣାଣକୁ ମୋର ଘେନ କାକୋଦର
ଫଣା ମରଦନ ତୃଣା ବଇରି ।

ତ୍ରିଭୁବନ ପତି ବକାରି, ଏ ଭୂତଳେ କଷ୍ଟ ମୋ ଭାରି
ଭଞ୍ଜ ବୀରବର କହେ ଯୋଡ଼ିକର
ଶୁଣନାହିଁ କିମ୍ପା ମୋର ଗୁହାରି ।

●●●

Digitized by PPRACHIN, SOA

ଶ୍ରୀମତୀ ଶ୍ରୀପତି...

(ରାଗ– ନଟ ନାରାୟଣ)

ଶ୍ରୀମତୀ ଶ୍ରୀପତି ବୃନ୍ଦାବନେ କେଳି ରଚିଲେ
ବୃନ୍ଦାବନ ଶୋଭାତରୁ, ତରୁତଳେ କଳ୍ପତରୁ
ତରୁଣୀ ରତନ ତରୁ, ତରଳାକ୍ଷୀ ମାତିଲେ ।ପଦ।
ସାରଙ୍ଗ ରଦ ପଲଙ୍କେ, ସାରଙ୍ଗ ପଙ୍କଜ ପଙ୍କେ
ସାରଙ୍ଗ ମୁଖୀ ଶାରଙ୍ଗ, ସାରଙ୍ଗରେ ମାତିଲେ ।୧।
କମଳ ଦେଶେ କମଳ, କମଳେ କମଳ ମାଳ
କମଳ ମୁଖୀ କମଳ, କମଳରେ ମାତିଲେ ।୨।
ହରିପରେ କରୀଘେନି, ହରଷେ ମୃଗଲୋଚନୀ
ହରପୁର ରିପୁହର, ହରସେବା ବାଞ୍ଛିଲେ ।୩।
ଅଶେଷ ରସରେ ରସି, ରସାଇ ରସିକା ରସି
ହରଷରେ ରସି ରସେ, ଉପଇନ୍ଦ୍ର ଭାଷିଲେ ।୪।

●●●

ରଖିଲା ମନ...

(ରାଗ– ସୁରଟ)

ରଖିଲା ମନ ବିମ୍ବାଧରୀ ଧରିରେ ।
ରମଣୀ ସେ କାହାର, ନୂଆ ହୋଇ ବାହାର
ଗତି ମନ୍ଥରେ ନିନ୍ଦା କରି କରୀରେ ।୧।
ରସାଣିଲା ହାଟକ, ପରିକାନ୍ତି ଝଟକ
ଛବିକି ନିକି ଅପସରି ସରିରେ ।୨।
ରଦବାସେ ପ୍ରବାସ, ଝଟକ ମୃଦୁହାସ,
ପଲକ ତାକୁ ଅନୁସରି ସରିରେ ।୩।
ରଙ୍ଗେ ନେତ୍ର କିଞ୍ଚିତ, ଢାଳୁ କି ଆଣି କୁନ୍ତ
ଦେଲା ମରମେ ସୁକୁମାରୀ ମାରିରେ ।୪।
ରହନ୍ତି ମୁଁ ସେବାରେ, ଏତେ ଜାଣନ୍ତି ବାରେ
ସଙ୍ଗତେ ଥିଲେ ଅନୁଚାରୀ ଚାରିରେ ।୫।
ଉପଇନ୍ଦ୍ର କହଇ, ଲଭିବା ଯୋଗ ନାହିଁ
ମଳିଚି ହେଲା ହର ଅରି ଅରି ରେ ।୬।

●●●

Digitized by PPRACHIN, SOA

ଆରେ ମଦାଳସା...

(ରାଗ– ଚକ୍ରକେଳି)

ଆରେ ମଦାଳସା !
ଶେଷ ହୋଇଯାଉଥିଲା ଚନ୍ଦ୍ରନିଶା ॥

ନବ ନିଧୁବନ କେଳି କାଳେ
ନବ ସଙ୍କେତ ମୁଁ କଲାବେଳେ
ମାଣିକ୍ୟର ବତୀ ଜାଳି ଚଉକତି
ନାନା ପୁଷ୍ପଦଳେ ଖୋସି ଖୋଷା ॥୧॥

ଅଙ୍କେ ବସାଇଣ ତୋତେ ଧନ
ବୋଇଲି ମଣ୍ଡନା ତେଜମାନ
କଲି ସଙ୍ଗେ ପ୍ରୀତି ଆରେ ରସବତୀ
କ୍ଷୀର ନୀର ପ୍ରୀତି ଯେହ୍ନେ ମିଶା ॥୨॥

ସେ ସମୟେ ମୋ' ଜୀବନ ଧନ
ଘେନି ସର୍ବାଙ୍ଗେ ପୁଷ୍ପ ଚନ୍ଦନ
କର ଧରି ତୋତେ କୋଳକୁ ଆଣନ୍ତେ
ତୁ ପରା ବସିଲୁ ଆଡ଼ରୁଷା ॥୩॥

ସେ କଥା ମନରୁ ପାଶୋରିଲୁ
ରୋଷ ବହି ମୋତେ ନ ଚାହିଁଲୁ
ହେବି କିଣା ଦାସ ଥିବି ତୋର ପାଶ
ବୋଲେ ଉପଇନ୍ଦ୍ର କରି ଆଶାରେ ॥୪॥

●●●

Digitized by PPRACHIN, SOA

କେଳି ସଦନ ମଣ୍ଡି...

(ରାଗ–କଳହଂସ କେଦାର)

କେଳି ସଦନ ମଣ୍ଡି ବସିଛି ବାଳା
କରେ ଗୁନ୍ଥୁଛି ବସି କୁସୁମ ମାଳା ଯେ ।
ବିଦେଶୁଁ ଆସି ମୁଁ ଯେ ହେଲି ପ୍ରବେଶ ।
ମନ୍ଦାକ୍ଷକୁ ଲଭିଛି ପ୍ରମଦାଈଶ ଯେ ।୧।

ବାସେ ଲପନତାଙ୍କି ବାସକୁ ଗଲା
ବାସବ ପଦେ ପଦ ଚାଳିଣ ଦେଲା ଯେ
କର ଯୋଡ଼ି କହୁଛି ଅଧୈର୍ଯ୍ୟ ହୋଇ
ମୁଁ ପରା ତୁମ୍ଭ ନିଜ ଦାସ ଅଟଇ ଯେ ।୨।

ଶୁଣି ସୁମନା ମନେ ଆନନ୍ଦ ହେଲା,
ସୁମନ ମାଳା କଣ୍ଠେ ଲମ୍ବାଇ ଦେଲା
ସୁମନ ଶରେ ମାତି ଭାଷନ୍ତେ ମୁହିଁ
ବାରୁଣୀ ଦିଗକୁ ସେ ଦେଲା ଦେଖାଇ ଯେ ।୩।

କହେ ହସିଣ ନବ ନାଗରୀ ବର ।
ବିରହ ବାଧା ତୁମେ ସଧୀର କର ।
ଆଜ ରଜନୀ ଦେବି ନବ କାମିନୀ
ମୋ ସଙ୍ଗେ ପ୍ରୀତି ଭୋଗ କର ଯାମିନୀ ଯେ ।୪।

ଭାଷଇ ଉପଇନ୍ଦ୍ର ଭଂଜ ଏ ଗୀତେ
ହର ପୂଜିବି ମୋର କାନ୍ତାନିମନ୍ତେ ଯେ,
ମନାଇ ମାଗିବି ମୁଁ ପାର୍ବତୀ ବର ।
ପ୍ରିୟା ପାଶରୁ ମୁଁ ନୋହିବି ଅନ୍ତର ଯେ ।୫।

●●●

Digitized by PPRACHIN, SOA

ଆଜ ଦେଖିଲିରେ...

(ରାଗ-ଆଶାବରୀ)

ଆଜ ଦେଖିଲିରେ, ନବୀନବୟସୀ ବାଳା ।
ପାଇଥାନ୍ତି ଯେବେ   ଚନ୍ଦ୍ରବଦନୀକି
        କରିଥାନ୍ତି ଗଳାମାଳା ।ପଦ ।
ଦୂରୁ ଦେଖି ମତେ   କୁରଙ୍ଗୀନୟନୀ
        ତରତର ହୋଇଗଲା
କାଖେକୁମ୍ଭଘେନି   ଲେଉଟି ତାହାନ୍ତେ
        ମଦନ ଶର ଦହିଲା ।୧।
ସୁନ୍ଦର କନ୍ଦର୍ପ   ଦର୍ପଣ ପରାଏ
        ଝଟକୁଥିଲା ତା' ମୁଖ
ଚାହିଁଲା ମାତ୍ରକେ   କ୍ଷୟ ଗଲା ମୋର
        ଅଙ୍ଗରୁ ଅନଙ୍ଗ ଦୁଃଖ ।୨।
କୋଟି କୋଟି ଶିବ   ସେବା କରିଥିବ
        ଯେ ଥିବ ଗଙ୍ଗାରେ ଧ୍ୟାୟି
ବୋଲେ ଉପଇନ୍ଦ୍ର   କବି କୁଳଚନ୍ଦ୍ର
        ତା' ସଙ୍ଗ ଲଭିବ ସେହି ।୩।

●●●

ଆହା ମୋ ଲାବଣ୍ୟନିଧି...

(ରାଗ-ଦକ୍ଷିଣ କାମୋଦୀ)

ଆହା ମୋ ଲାବଣ୍ୟନିଧି,
ହରାଇବସିଲି ବୁଦ୍ଧିରେ । ପଦ ।
ଶିବ ସେବି ଅନୁବ୍ରତେ ପାଇଥିଲି ଧନ ତୋତେ,
ଏବେ କେମନ୍ତେ ମୂର୍ଚ୍ଛିବି ଚିତ୍ତେରେ ।୧।
ଯେଣିକି ଚାହିଁଲେ ଧନ୍, ଦିଶେ ତୋ ଚନ୍ଦ୍ର ବଦନ
ଏବେ କେମନ୍ତେ ବଞ୍ଚିବି ଦିନରେ ।୨।
ସଖି ମୁଁ ଧରୁଛି କର, ଏଥକୁ ଉପାୟ କର,
ଏବେ ତୋ ଚିନ୍ତା ମୋ ହୃଦେ ଗାରରେ ।୩।
ରସିକ ବିରହବାଣୀ, ଶୁଣି ହରଷ ରମଣୀ
ଗୀତେ ଉପଇନ୍ଦ୍ର ଭଞ୍ଜ ଭଣିରେ ।୪।

●●●

Digitized by PPRACHIN, SOA

ଆହା ମୋ ଜୀବନଧନୀ...

(ରାଗ–ଖମ୍ବାଜ)

ଆହା ମୋ ଜୀବନଧନୀ, ଜୀବନେ କି ଥିବ ରେ ।
ନିଶାକର ବିଧୁମୁଖୀ କିସ କରୁଥିବ ରେ । ପଦ ।
ଆଶା ପଲଙ୍କରେ ବସି ଭାଷା ଲେଖୁଥିବ ରେ ।
ଗଳେ ଥିଲା ମୋତିମାଳ, ତୁଟି ଲୋଟୁଥିବ ରେ ।୧।
ଫିଟି ଲୋଟୁଥିବ କେଶ ଝାଳେ କଣ୍ଟୁ ଥିବ ରେ ।
ଝାଳେ ଜର ଜର ହୋଇ ମଥା ପୋତିଥିବ ରେ ।୨।
ଉତ୍ପଳନୟନୀ ତୋ କପାଳେ ଏହା ଥିଲା ରେ ।
ସୁଫଳିତ ଅଙ୍ଗ ତୋର ବିଫଳିତ ହେଲା ରେ ।୩।
ଭଣେ ଉପଇନ୍ଦ୍ର ଭଂଜ କରି ପ୍ରୀତିଆଶା ରେ ।
ଆଉ କି ଶୁଣିବି ପ୍ରାଣପ୍ରିୟା ପିକଭାଷାରେ ।୪।

●●●

ନ କର ରେ ରାମା ମାନ...

(ରାଗ–ଦକ୍ଷିଣ କମୋଦୀ)

ନ କର ରେ ରାମା ମାନ ।
କହୁଛି ବିନୟ ଘେନ, କିଣାଜନ ଠାରେ ମାନ ।
କଲେ କି ହେବ ସମ୍ମାନ। ପଦ ।
ତୁ ମୋ ଗଳା ରତ୍ନମାଳା,
ବାଳାରେ ନେତ୍ର ପିତୁଳା ।
କାମସିନ୍ଧୁରେ ମୋ ଭେଳା, ନ ବୁଡ଼ା ନବଛଇଳା ।୧।
ଲଗାଇ ପ୍ରୀତି ବଲ୍ଲରୀ ।
ନ ଛେଦ ଶ୍ରୀହସ୍ତେ ଧରି ।
ବାନ୍ଧବୀ ମୁଁ କିଣା ପରି, କିଣି ରଖ ବିମ୍ବାଧରୀ ।୨।
ମୁଁ ଯେବେ ହୋଇଲି ଦୋଷୀ, ତୁ ପରା କରୁଣାରାଶି ।
ଶରଣ ପଶିଲି ଆସି, ରଖ ମୋତେ ମଦାଳସୀ ।୩।
କାନ୍ତା କାନ୍ତ ବାଣୀ ଶୁଣି,
ହରଷେ ରମଣୀମଣି ।
ଆରମ୍ଭିଲେ ରତି ଆଣି, ଉପଇନ୍ଦ୍ର ଭଂଜ ଭଣି ।୪।

●●●

Digitized by PPRACHIN, SOA

ଦ୍ୱିତୀୟାଯାମିନୀରେ...

(ରାଗ–କଳହଂସ କେଦାର)

ଦ୍ୱିତୀୟାଯାମିନୀରେ ମୋ ପ୍ରାଣ ସହୀ ।
ଦିନେ ପଲଙ୍କେ ଥିଲା ମୋ କୋଳେ ଶୋଇଯେ ।
କୁସୁମବତୀ ହୋଇ ଅବନୀ ଶୋଭା
ତଳପ ତେଜି ତଳେ ହୋଇଛି ଉଭା ଯେ ।୧।

କେତେବେଳେ ଚେତନା ପାଇଲି ମୁଁ ଯେ
ଲୋଡ଼ିଲି ପ୍ରାଣ ପ୍ରିୟା ନାହିଁ ମୋ ଶେଯେ ଯେ ।
ହେ ଜୀବେଶ୍ୱରୀ ବୋଲି ଡାକନ୍ତେ ପୁଣି
ଚତୁରୀ ନ କହିଲା ତେବେ ହେଁ ବାଣୀ ଯେ ।୨।

ପ୍ରଦୀପ ହତ ଦେଖି କରନ୍ତେ ଲୋଡ଼ା
ତତ୍‌କ୍ଷଣେ ଫେଇଦେଲା ଗବାକ୍ଷ ପୁଡ଼ା ଯେ
ଚନ୍ଦ୍ର କିରଣେ ଚନ୍ଦ୍ର ମୁଖ ଦିଶିଲା
ବସନାଞ୍ଚଳ ମୁଖେ ଦେଇ ହସିଲା ଯେ ।୩।

ଏଡ଼େ କପଟ କିମ୍ପା ନିଜ ଦାସକୁ ।
ବୋଲି ମୁଁ ଯାନ୍ତେ ପ୍ରାଣବନ୍ଧୁ ପାଖକୁ ଯେ ।
ଗଭାରୁ କରବୀର କୁସୁମ ତିନି
କାଢ଼ି ପକାଇଦେଲା ଘନ ଜଘନୀ ଯେ ।୪।

ଦେଖି କାତର ହେଲା ହୃଦୟ ମୋର
ରୋମକେ କାଣ୍ଡେକାଣ୍ଡେ ବିନ୍ଧିଲା ସ୍ମର
ଧାତାକୁ ନିନ୍ଦା କଲି ପୁରୁଷ ହୋଇ
ପୁରୁଷେ ଏଡ଼େ ଦଣ୍ଡ ଦେଲୁ କିପାଇଁ ଯେ ।୫।

କହଇ ଉପଇନ୍ଦ୍ର ଭଞ୍ଜ ଏ ଗୀତେ
ହର ପୂଜିବି ମୁହିଁ କାନ୍ତା ନିମନ୍ତେ ।
ସେବାରେ ମନାଇବି ପାର୍ବତୀ ବର ।
ପ୍ରିୟା ମୋ ପାଶରୁ ନ ହେବ ଅନ୍ତର ଯେ ।୬।

●●●

Digitized by PPRACHIN, SOA

ଏ ଘୋର ବରଷା...

(ରାଗ–ସୁରଟ)

ଏ ଘୋର ବରଷା କାଳେ, ପ୍ରିୟରସା,
ରସ ଆଦରରେ ବସିଥିବ । ପଦ ।
ବନପତି – ପତି ପତିପରେ ଦୃଷ୍ଟି
ଦେଇଣ ସନ୍ତାପ କରୁଥିବ ।
ଗିରୀଶ ମଣି ସେ ଭାରା ନିବାରିଣୀ
ନେତ୍ର ଅମ୍ବୁଜରେ ମଣ୍ଡୁଥିବ ।୧।
ସୁନାଶିର ଧନୁ ଟଙ୍କାର ଶବଦେ
ଅବଳା ଚମକି ପଡୁଥିବ ।
ରବିସୁତ ପରେ ଇନ୍ଦ୍ର ବାହନକୁ
ଦେଇଣ ନିରୋଧ କରୁଥିବ ।୨।
ବିଷ୍ଣୁ ବାହନଙ୍କ ଅରି ଧରାପରେ
ବସି ମୋ ସଙ୍କେତ କରୁଥିବ ।
ହରଘରଣୀ ବାହନରିପୁଦନ୍ତ
ପଲଙ୍କ ତେଜ୍ୟା ସେ କରୁଥିବ ।୩।
ଘୋର ବନ ଦେଖି ବନେ ଚନ୍ଦ୍ରମୁଖୀ
ଚଉଦିଗକୁ ନିରେଖୁଥିବ ।
ଉପଇନ୍ଦ୍ର ଭଣି ସେ ମନମୋହିନୀ
ପିଣ୍ଡରେ କି ପ୍ରାଣ ରଖିଥିବ ।୪।

●●●

ମୋ ରାମା ମନେ କି...

(ରାଗ–ଭୈରବୀ ଆଠତାଳି)

ମୋ ରାମା ମନେ କି ପାଞ୍ଚିଲା ।
ବେନି କୁମ୍ଭ ପରେ ସାତ କୁମ୍ଭ ଥୋଇ ପଞ୍ଚମନକୁ ତୋଷିଲା ।
ଏକ ବେନି ମୁଖ ତାର ଚାରି ମୁଖ ଷଡ଼ ଚକ୍ରରେ ଘଟିଲା ।
ମନ୍ଦରସୁତା ସେ ମନରେ ହରଷ ପନ୍ଦରନେତ୍ର ମୋହିଲା ।୧।
କରୀ ପରେ ହରି ହରି ପରେ କରୀ କି ରଙ୍ଗେ ଚଢ଼ାଇଥିଲା ।
ଚନ୍ଦ୍ର ପରେ ସୂର୍ଯ୍ୟ ସୂର୍ଯ୍ୟ ପରେ ଚନ୍ଦ୍ର ତା' ପରେ ତାରା ଖଞ୍ଜିଲା ।୨।
ବିମ୍ବଫଳ କିବା ଜମ୍ବିଳ ଶ୍ରୀଫଳ ଫଳେ ପରିପୂର୍ଣ୍ଣ ହେଲା ।
ଶମ୍ଭୁ ବୋଲି କରି ଦର୍ଶନ କରନ୍ତେ ଦୁକୁଳେ ଘୋଡ଼ାଇ ଦେଲା ।୩।
ନାରୀ ବାର ଚାରି ବରଷ କୁମାରୀ ପର ପୁରୁଷ ମୋହିଲା ।
କହେ ଉପଇନ୍ଦ୍ର ଭଞ୍ଜ ବୀରବର ନିଜ ମନ୍ଦିରେ ଚଳିଲା ।

●●●

Digitized by PPRACHIN, SOA

ଆଉ କାହା କର ଧରିବି...

(ରାଗ–ଜୟ ଜୟନ୍ତୀ)

ଆଉ କାହା କର ଧରିବି, ସଜନୀ ଗୋ ।
ଛାଡ଼ି ଗଲେ ଗୁଣମଣି ଝୁରି ଝୁରି ମରିବି । ପଦ ।
ତୁ ମୋହର ମୁଁ ତୋହର, ନ କରିବୁ ତୁ ଅନ୍ତର ।
ମାରୁଅଛି ପଞ୍ଚଶର, ଦହୁଅଛି ଶରୀର ।୧।
ସୁନ୍ଦର ତୋ ଲଲାଟ, ପଡୁଅଛି ଆଲଟ ।
ଗଜଦନ୍ତ ପଲଙ୍କରେ, ଆଉ ନାହି ତୋ ଭେଟ ।୨।
କୋକିଳ ପରି ବାଣୀ, କହୁ ଚତୁରୀମଣି ।
ଭ୍ରୂଲତା ଶୋଭା ତୋହର, ଇନ୍ଦ୍ରଧନୁକୁ ଜିଣି ।୩।
କି ସୁନ୍ଦର ଧନୁକୁ, ଚାହିଁ ତୋ ବଦନକୁ ।
ଯେତେ ଯେତେ ଦୋଷ କଲି, ନ ଘେନିବୁ ମନକୁ ।୪।
ରସବତୀ ରସିବ, କାନ୍ତ କୋଳେ ବସିବ ।
ଭଣେ ଉପଇନ୍ଦ୍ର ଭଞ୍ଜ ଚାରି ଚକ୍ଷୁ ମିଶିବ ।୫।

●●●

ରମଣୀ ରତନ

(ରାଗ–ମୁଖାରୀ)

ରମଣୀ ରତନ, ରତାନ୍ତରେ ଏକ ଦିନ ।
ରସା ମଣ୍ଡନା ତୋର ମୋର ପାଲଟ ହୋଇଲା ବସନ ।
ରାତି ଅନ୍ତେ ଚାହିଁ, ରାମା ଅତି ଲାଜ ପାଇ ।
ରାଜୀବନେତ୍ରୀ ମୋ ଆଗେ ଉଭା ହେଲୁ ବଦନ ନୁଆଇଁ ।୧।
ରସିକ ସିହାଣୀ, ରସେ କହିଲି ମୁଁ ବାଣୀ ।
କେଳି ଉଲଟ ତୋର ମୋର ଜାଣିବା କେମନ୍ତେ ଏ ପୁଣି ।୨।
ରକ୍ଷା ହେଉ କହି, ରମ୍ଭାଉରୁ ତା' ଚିତ୍ତୋଇ ।
ହରଷେ ପିନ୍ଧିଣ ପଣନ୍ତେ ପଣନ୍ତ ବାସ ପାଲଟାଇ ।୩।
ରମ୍ଣୀୟ ସ୍ତନ, ରଙ୍ଗେ କରଇ ଲୋକନ ।
ରସେ ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ ସୁରସ ବିଧାନ ।୪।

●●●

Digitized by PPRACHIN, SOA

କମଳଲୋଚନା କରିଛି...

(ରାଗ–ଆଷାଢ଼ ଶୁକ୍ଳ)

କମଳଲୋଚନା କରିଛି ମାନ ।
କ୍ଷଣେ ରସିକ ବୋଲଇ ବଚନ ।
ଗଜଗମନା ଶୁଣ ଆରେ ବାମା ।
ଘେନ ବିନତି କର ଦୋଷ କ୍ଷମା ।
ମୁଁ ତୋହର ଦାସ ।
ଚମ୍ପାବରନୀ ନ କର ନିରାଶ ।୧।
ଛଛନ୍ଦେ ସଖି କହୁଅଛି ଶୁଣ ।
ଜର ଜର କରେ ମଦନବାଣ ।
ଝିମିଟେ ସଖି ନ ପାରଇ ସହି ।
ନିୟମ କରି କହୁଅଛି ମୁହିଁ ।
ଟେକି ବାରେ ଚାହଁ
ଠଣ ସୁନ୍ଦରୀ ଉଠି ହୁଅ ସାହା ।୨।
ଡାକି ବିନ୍ଧୁଅଛି ମଦନ ଶର ।
ଢ଼ାଳେ ହେଁ ସଖି ନିରାଶ ନ କର ।
ଅମୃତ ବଚନ ନ କହୁ ମୋତେ ।
ତରିବି କାମ ଜ୍ୱାଳାରୁ କେମନ୍ତେ ।
ଥୟ ନାହିଁ ମନ ।
ଦିଅ ମୋତେ ସଖୀ ସୁରତି ଦାନ ।୩।
ଧରଣୀରେ ଜାତ ହୋଇଛୁ ତୁହି
ନବୀନା ନବ ଯଉବନ ବହି ।
ପୁରୁଷ ହତ୍ୟା ଗୋ ଲାଗିବ ତୋତେ
ଫାନ୍ଦେ ପଡ଼ିଛି ତରିବି କେମନ୍ତେ ।
ବାରେ ଦୟାକର ।
ଭରସା ଦେଇ ନିରାଶ ନ କର ।୪।
ମଦନ ଆରତରୁ ମୋତେ ରଖ
ଯାହା ଇଚ୍ଛା ତାହା ମାଗ ଗୋ ସଖି ।
ରସିକ ବଚନ ଶୁଣ ସୁନ୍ଦରୀ ।
ଲଜ୍ଜା ଭୟ ସବୁ ତା ଦୂର କରି ।
ବସିଲା କୋଳରେ ।
ଶ୍ରୀଅଙ୍ଗ ସମର୍ପି ଦେଲା କୃଷ୍ଣରେ ।୫।
ଶ୍ରୀମତୀ ଘେନି ରାଜୀବଲୋଚନ ।
ସନ୍ତୋଷ ହୋଇ କଲେ ଆଲିଙ୍ଗନ ।

Digitized by PPRACHIN, SOA

ହୋଇଲା ଦୁଇ ଅଙ୍ଗ ଏକ ଅଙ୍ଗ ।
ଛାଡ଼ିଲା କାମ ବାଧା କୃଷ୍ଣ ଅଙ୍ଗ ।
ଏ ରସସାଗର
ଭଣିଲେ ଉପଇନ୍ଦ୍ର ଭଞ୍ଜ ବୀର ।୬।

●●●

ରମଣୀ ରତନ ମେଘକୁ...

(ରାଗ–ଆଷାଢ଼ ଶୁକ୍ଳ)

ରମଣୀ ରତନ ମେଘକୁ ଚାହିଁ ।
କହିବୁ ମେଘରେ କାନ୍ତଙ୍କୁ ଯାଇ ।
ଏତେ ଦିନ କିମ୍ପା ବିଳମ୍ବ କଲେ ।
କାଲି ପରିକି କଣ୍ଟ କରିଥିଲେ ।
କରି ମୋତେ ପର ।
କି ବିଚାରୁଥିଲେ ଦିନୁ ଅନ୍ତର ।୧।
କଲାଣି ଘୋର ଦୁର୍ଦ୍ଦିନ ଚମକ ।
ନାଦ କଲେଣି କୋକିଳ ଡାହୁକ ।
କହିଥିଲେ ବନ୍ଧୁ ନିୟମ କରି ।
କେବେ ହେଁ ନ ଯିବି ପ୍ରବାସ କରି ।
କି ବିଚାରି ମନ ।
କେଉଁ ନାରୀ ସଙ୍ଗେ ବଞ୍ଚିଲେ ଦିନ ।୨।
କାମେ ବଶକଲା କେଉଁ ଚତୁରୀ ।
କେବା ରଖିଲା ମଣିମନ୍ତ୍ର କରି ।
କେଉଁ ଦଧିଫଳ ଭୁଞ୍ଜାନ୍ତେ ବସି ।
ପିଣ୍ଡରୁ ପ୍ରାଣ ଯାଉଅଛି ଖସି ।
କେଉଁ ଉପାୟରେ
କାନ୍ତକୁ ଭେଟିବି ନେତ୍ରପଥରେ ।୩।
ସତେ କି କରିବେ ହରଗଉରୀ ।
ପ୍ରବାସୁ ମୋ କାନ୍ତ ଆସିବେ ଫେରି ।
କରିବେ ଅଙ୍କ ପଲଙ୍କେ ଶୟନ ।
ସତେ କି ମୋ ଦୁଃଖ ହେବ ମୋଚନ ।
କରି ରସ କେଳି ।
ଭଣେ ଉପଇନ୍ଦ୍ର ଏ ରସେ ଭାଳି ।୪।

●●●

Digitized by PPRACHIN, SOA

ବୀଣା-ଜିଣା ଭାରତୀ...

(ରାଗ-ସାରଙ୍ଗ)

ବୀଣା-ଜିଣା ଭାରତୀ ତୁ ଶୁଣାରେ ।
ଆଜନମ ଦାସ ଆଶା ନ ନାଶ ତୁ କର ପୂରଣା ରେ ।
ଧରା ଲୋକ ପରି ତୁହି ବସନା ।
ଗିରା କରଜରେ ମହୀ ଲେଖନା ।
ଧରାସ୍ତନା ପରକୁହା ଶୁଣି ଯାହା ଅନୁରାଗ କରୁ ଉଣାରେ ।୧।
ବାରି ବାରିଦିଅ ରମ୍ୟ ନୟନୁ ।
ନାରୀ ରତନ କହ କେ ତୋ ବିନୁ ।
ଗତି ନ ଥିବାର ବାରଣ ଗମନା ନୁହଇ କି ତୋତେ ଜଣା ରେ ।୨।
ସାଜି ଦେବି ଘନଜିତ ଚିକୁର ।
ମାଜି ଦେଖାଇବି ଆଣି ମୁକୁର ।
ରାଜୀବାକ୍ଷୀ ରାଜି କରୁ କି ନା ଥରେ ବହି ଅଳପ କରୁଣାରେ ।୩।
ଦର୍ପ ଦର୍ପକର ଦର ଏ ବାର ।
ପର୍ବ ଶର୍ବରୀଶମୁଖୀ ନିବାର ।
କାଞ୍ଚନ ବରନା ଶ୍ୱାସକୁ ମୁଞ୍ଚନା ଫୁଲାଅ ସୁସଞ୍ଚ ଘୋଣାରେ ।୪।
ଉପଇନ୍ଦ୍ରର ଘେନ ଏ ଅରଜ,
ଶୁଣ ସୁମନୁ ମାନକୁ ବରଜ ।
ସୁବରଜ ତନୁ ପାଇଁ ଚମ୍ପା ଗୋରୀ, ହେଲିଣି ମୁଁ ତୋର କିଣା ରେ ।୫।

●●●

Digitized by PPRACHIN, SOA

ଜାଣେ ଯେତେ ଭାବ...

(ରାଗ-ବଙ୍ଗଳାଶ୍ରୀ)

ଜାଣେ ଯେତେ ଭାବ ରତି ଯୁବତୀ
ଜଗତେ ଆଉ କାହିଁଛି ।
ଜୀବ ଥିବା ଯାଏ ପିଣ୍ଡେ ନାଗରୀକି
ଦଣ୍ଡେ ନୋହିବ ମୁରୁଛି । ପଦ ।
ଯେବେ ମାଗଇ ମୁଁ ବିପରୀତ ରତି
ହସି ଭାଷଇ ମୃଗାକ୍ଷୀ ।
ଜାଣଇ କି ତାହା କରି ସିନା କାଲି
ସଜନୀମାନଙ୍କୁ ପୁଛି ।୧।
ଜାନୁ ଉପରେ ବସାଇଲେ ଗୋରୀକି
ତଳେ ବସୁଥାଇ ଖସି ।
ଜଳଜ ପାଦକୁ କର ବଢ଼ାଇଲେ
ବେଗେ ଅଙ୍ଗେ ଯାଇ ମିଶି ।୨।
ଜାଣିବାରେ ମୋର ଆଡ଼କୁ ସେ ପିଠି
କରି ଦିନେ ଶୋଇନାହିଁ ।
ଜୀବଧନର ଏହି ଗୁଣ ସୁମରି
ପୁଣି ଜୀବ ଅଛି ରହି ।୩।
ଜବାଧରୁ ତାର ମଧୁ ପିଉଥିଲେ
ଅମୃତ ପାନ ହିଁ ଛାର ।
ଜପି କାମକ୍ଷୀଣ ପ୍ରିୟା ଭାବ କହେ
ଉପଇନ୍ଦ୍ର ରସ ସାର ।୪।

●●●

Digitized by PPRACHIN, SOA

କହ କି କରିବି...

(ରାଗ–ବିଚିତ୍ର କାମୋଦୀ)

କହ କି କରିବି, ବୁଦ୍ଧି ଦିଶୁ ନାହିଁ, ଗୋ ପ୍ରିୟସହି । ପଦ ।

ନାହିଁ ତ ମୋଠାରୁ ଦୁଃଖୀ, କେଉଁ ଦୋଷ ମୋର ଦେଖି ।
ରହିଲେ ବନ୍ଧୁ ଉପେକ୍ଷି । ମନ ମୋହିଲା କେ ସଖୀ
ତା' ପୀରତି, ଫାନ୍ଦରେ ପକାଇ ଗୋ ପ୍ରିୟ ସହି ।୧।

ଶେଯାଇ କୁସୁମ ଶେଯ ସିଞ୍ଚି ତହି ବିଧୁ ରଜ
କୁଞ୍ଜ ଝାନବାସ ଆଜ ସିଞ୍ଚିଲି ବରଜି ଲାଜ
ମୁଞ୍ଚି ମୋତେ ଘୁଞ୍ଚିଲେ କିମ୍ପାଇ ଗୋ ପ୍ରିୟ ସହି ।୨।

ଆସିବେ ବୋଲି ନାଗର ମଣ୍ଡିଥିଲି କେଳିପୁର
ଜାଳି ବସିଲି ଜାଗର ନିଶି ହୋଇ ଉଜାଗର
ଶୋକ ଜଳେ ଦେଲେଟି ଭସାଇ ଗୋ ପ୍ରିୟ ସହି ।୩।
କଲି ତା ପ୍ରୀତିରେ ଆଶା ଲଭିଲି ମୁଁ ଏତେ ଦଶା
ନୟନ ନ ହେଲା କଷା ହେଲି ଯା ଭଗାରିହସା ।
ରସା ପରେ ଅକୀର୍ତ୍ତି ବସାଇ ଗୋ ପ୍ରିୟସହି ।୪।

ଶ୍ରୀମତୀ ବିନୟ ଶୁଣି ଦୂତୀ ଭାଷେ ପ୍ରୀତିବାଣୀ
ତେଜ ବିମନ ରମଣୀ ଉପଇନ୍ଦ୍ର ଭଞ୍ଜ ଭଣି
ଭେଟାଇବି ସନ୍ତାପ ତୁଟାଇ ଗୋ ପ୍ରିୟ ସହି ।୫।

●●●

Digitized by PPRACHIN, SOA

କାଳି ରଜନୀ ଗୋ...

(ରାଗ–ଆଶାବରୀ)

କାଳି ରଜନୀ ଗୋ ବଞ୍ଚିଲି ମୁଁ ଶ୍ୟାମ ସଙ୍ଗେ ।
ବିପରୀତ ରତି ସୁରସରେ ମାତି ଯୁଝିଲି ମଦନ ସଙ୍ଗେ ।ପଦ।
ଲପନେ ଲପନ ଗଣ୍ଡେ ଚୁମ୍ବଦାନ
ବାହୁକୁ ବାହୁ କାଛେଣି ।
ଉରକୁ ଉରଜେ ତା ମୁଖପଙ୍କଜେ
ଦୋହଲିଲା ନାସାମଣି ।୧।
କରରେ କଙ୍କଣ ବାଜେ କଣ କଣ
ରଡ଼ିକଲା କଣ୍ଠିହାର ।
ତା ଦେଖି ନୁପୂର ଝମକ ଝଙ୍କାର
ବୋଇଲା ମାରକୁ ମାର ।୨।
ଗଳା ମୋତିହାର ତୁଟି ପଲଙ୍କର
ଗୋଟିକି ଗୋଟି ·ଖସିଲା ।
ତା' ଦେଖି କିଙ୍କିଣୀ ବାଜେ କିଣି କିଣି
ମଦନ ତ ହାରିଗଲା ।୩।
ଶ୍ରମରେ ସମୀର ବହେ ଖର ଖର
ସ୍ୱେଦ ଅଙ୍ଗେ ଜର ଜର ।
ମୁଁ ବୋଇଲି ନୀର ସୁଧାପଣା କର
ଯେ ଇଚ୍ଛା କର ନାଗର ।୪।
ଶ୍ରୀମତୀ ଶ୍ରୀପତି ଶ୍ୟାମବନ୍ଧୁ ପ୍ରୀତି
ରସଠାରୁ ସୁମଧୁର ।
ବୋଲେ ଦୟାନିଧି ନୃପସୁତା ନିଧି
ଉପଇନ୍ଦ୍ର ଭଞ୍ଜ ବୀର ।୫।

●●●

Digitized by PPRACHIN, SOA

ମଲ୍ଲିମାଳ ଶ୍ୟାମକୁ ଦେବି...

(ରାଗ–ବେହାଗ)

ମଲ୍ଲିମାଳ ଶ୍ୟାମକୁ ଦେବି, ମନ ତୋଷିବି ।
ଗ୍ରୀଷମ ହୋଇଲେ ବାସ ଚନ୍ଦନ ମୁଁ ଲେପିବି ।ପଦ।
ତା' ଅଙ୍ଗରୁ ସ୍ୱେଦବାରି, ଯଦି ପଡୁଥିବ ଝରି ।
ମୋ ଦୃଷ୍ଟି ପଡ଼ନ୍ତେ କାନି ପଣତେ ମୁଁ ପୋଛିବି ।୧।
ସେ ଯେବେ କରିବେ ମାନ, ଭାଙ୍ଗି ଭୁଞ୍ଜାଇବି ପାନ ।
ଗଣ୍ଡେ ଦେଇଣ ଚୁମ୍ବନ ହରଷ କରାଇବି ।୨।
ତାଙ୍କୁ କରି ଗଳାହାର, ସେବିବି ତାଙ୍କ ପୟର ।
ସେ ଯେବେ ହୋଇବେ ପର, ହର ପୂଜା କରିବି ।୩।
ଉପଇନ୍ଦ୍ର ଭଞ୍ଜ କହି, ରମଣୀ ରତନ ସହି
ତାହାଙ୍କ ଚରଣ ଧ୍ୟାୟି ଶରଣାଗତ ହୋଇବି ।।

●●●

ଦୂତୀ କହିବୁ ଗୋ..

(ରାଗ–ପରଜ)

ଦୂତୀ କହିବୁ ଗୋ,
ଚିତ୍ତଚୋରାଙ୍କୁ ଏତେକ
ଗତ ସ୍ନେହ ହରି, ଗଲେ ଦୂର କରି,
ଚିତ୍ତ ହୁଏ ଦକଦକ ।ପଦ ।
ମନ୍ଦର ବେନି ମୋ, ଉରରେ ଥିବାରୁ
ପନ୍ଦର ପଡ଼ିଲା ଶିରେ ।
ମଗା ପ୍ରୀତିଦଗା, ଜାଣି ମୁଁ ନଥିଲି,
ଏକ ଦେଲେ ମୋ ମୁଖରେ ।୧।
ଛବିଶ ପଦରେ କେଉଁ କାର୍ଯ୍ୟ ଅବା,
ଦୁଇ ଯେବେ ହେଲା ଦୂର ।
ଅନ୍ତର ଆଠ ପରାୟେ ଏଣିକି ମୁଁ,
ତିନି କରାଅ ଅନ୍ତର ।୨।
ଧନ ସେବା ଦିନୁ, ନବ ଯୌବନକୁ,
ତାଙ୍କୁ ଭୋଗ କରାଇଲି ।
ଦୁଇ ପତି ଅରି, ଆୟତ୍ତରେ ମୁଁ ଯେ
କେତେ ଦଶାକୁ ଲଭିଲି ।୩।
ପଚାରିବୁ ଦୂତୀ, ମୁଁ ପରା ତାଙ୍କର,
ଏବେ କାହାର ହୋଇବି ।
ରସିକ ହୋଇଲେ, ଏ ଭାବ ଜାଣିବ,
ଉପଇନ୍ଦ୍ର ଭଞ୍ଜ ଭାବି ।୪।

●●●

Digitized by PPRACHIN, SOA

ରମଣୀରତନ...

(ରାଗ–ପରଜ)

ରମଣୀରତନ, ବେଦ ଯୁଗ୍ମରତୁ ବୟସୀ
ମୋ କର ଧରି ପାଇଲା କଷଣ ରେ ।ପଦ।
ଶିଖରୀ ଉପରେ ଶିଖରୀ ଯେ
ନାଦ କରୁଥିବ ଘନ ଘନ ।
ତା ଶୁଣନ୍ତେ କର୍ଣ୍ଣେ ମୋହ ଯାଉଥିବ
ପରା ମୋ ଜୀବଜୀବନ ।୧।
ହରିହର ରାବ ଶୁଣି ଅମ୍ବୁଜାକ୍ଷୀ
ହେଉଥିବ ଛନ୍ନଛନ୍ନ ।
ସତେ ସଦାଶିବ ପ୍ରସନ୍ନ ହୋଇବେ
ଦେଖିବି ପ୍ରିୟା ବଦନ ।୨।
ଶିଖରୀ ତାତ ମାତ ବାହନରିପୁଦନ୍ତ
ପଲଙ୍କ ତେଜିଣ ।
କାମ ତାତ ଜ୍ୟେଷ୍ଠ ମୁକୁଟ ଧାରଣ
ପରେ ଲୋଟୁଥିବ ଧନ ।୩।
କହେ ଉପଇନ୍ଦ୍ର ନୃପ କୁଳଚନ୍ଦ୍ର
ଧିକ ଏ ବିଦେଶୀ ଜନ ।
ଦିନ ନ ସରଇ ପ୍ରିୟା କୋଳେ ନାହିଁ
କେମନ୍ତେ ବଞ୍ଚିବି ଦିନ ।୪।

●●●

ବାଳାମଣି ଚାହିଁ...

(ରାଗ–ପୂରବୀ)

ବାଳାମଣି ଚାହିଁ ଚନ୍ଦ୍ର ନିଶାକୁ ।
ବନ୍ଧୁ ହୁଡ଼ି କରି ଖେଳୁ ପଶାକୁ ।। ପଦ ।।
ବନ୍ଧୁ ହାରିଦେଲୁ ଆଡ଼ରୁଷାକୁ ।
ବିଧୁମୁଖ ଲାଜେ କରୁ ରସାକୁ ।୧।
ବାଳା ଫେଇ ଫୁଲାଇ ଯେ ନାସାକୁ ।
ବେଗେ କରୁ ସଫଳ ମୋ ଆଶାକୁ ।୨।
ବିଧିରେ ନ ଭଜେ ନେତ୍ର କଷାକୁ ।
ବଞ୍ଚଇ ରଜନୀ ଘେନି ଯୋଷାକୁ ।୩।
ବିହି ଦେଲା ଏବେ ଏତେ ଦଶାକୁ ।
ବୋଲେ ଉପଇନ୍ଦ୍ର ମୃଗଦୃଶାକୁ ।୪।

●●●

Digitized by PPRACHIN, SOA

ନୂଆ ନୂଆ ଦିନା କେତେ...

(ରାଗ–ପଞ୍ଚମ ବରାଡ଼ୀ)

ନୂଆ ନୂଆ ଦିନା କେତେ, ମୋର ଅନୁରାଗ ଯେତେ
ବଚନେ ତା କେ ପାରିବ କହି ।
ନୋହିଲେ ସେ ଆଦ୍ୟ ପ୍ରାନ୍ତ, ପରାଏ ହେବ ଏମନ୍ତ,
ବୁଝିଲା ବେଳକୁ କାଚଭଙ୍ଗା ପରି ରେ ସହଚରୀ ।
ଶ୍ୟାମବନ୍ଧୁ ପ୍ରୀତି ସେହିପରି ।
ଭାଙ୍ଗିଗଲେ ଆଉ ଯୋଡ଼ିତ ନପାରିରେ ।୧।
ଆଶା ଘଟେ ରଖି ନୀର, ସଞ୍ଚିତ କଲେ ସତ୍ୱର,
ନିରାଶ ଶିଳାରେ ଛେଚି ଦେଲେ ।
କେଉଁ ଅବିଗୁଣ ଚିନ୍ତି, ମୋ ଠାରେ କଲେ ଏ ରୀତି,
ସବୁ ସୁହାଯାଏ ପିଣ୍ଡେପ୍ରାଣ ଥିଲେ ରେ । ସହଚରୀ ।
ସହକାର ପରି ପ୍ରୀତି କଲେ ।
ଅବିଗୁଣ ମାତ୍ର ହୃଦରେ ବିନ୍ଧିଲେ ରେ।୨।
ପ୍ରଥମ ସମୟେ ମୋର, ପୁରକୁ ସେ ନିରନ୍ତର,
ଆସି ପଦ୍ମପାଦ ଚିହ୍ନମାନ ।
ଛାଇହୋଇ ଘର ଦ୍ୱାର, ପ୍ରାଙ୍ଗଣ ଯାକେ ମୋହର
ଧ୍ୱଜ ବଜ୍ର ଛତ୍ର ଚକ୍ର ଚିହ୍ନରେ । ସହଚରୀ ।
ସେମାନ ସ୍ୱପନ ପରି ହେଲା ।
ଝୁରି ମରିବାକୁ ମାତ୍ର ବିହି କଲା ରେ ।୩।
ଦୂରୁ ଦେଖି ଯେବେ ହସେ, ମୋ ଅଙ୍ଗେ ସୁଧା ବରଷେ,
କେଉଁ ଅବିଗୁଣ ଚିନ୍ତି ମୋର,
ଧନ୍ୟ କେ ଚତୁରୀ ନାରୀ, ରଖିଲା ମନ୍ତର କରି
ଭଲା ଯତ୍ନକରି ଭାଙ୍ଗିଦେଲା ବିହିରେ । ସହଚରୀ ।
ସେ ଛାଡ଼ିଲେ ମୁଁ ତ ନ ଛାଡ଼ଇ ।
କହେ ଉପଇନ୍ଦ୍ର କୃଷ୍ଣ ପଦ ଧାୟି ରେ ।୪।

●●●

Digitized by PPRACHIN, SOA

ସଙ୍ଗାତ, ମନାକଲି...

(ରାଗ-ପରଜ)

ସଙ୍ଗାତ, ମନାକଲି ପରା ତୋତେ ।
ନ ଅନାଅ ସୁନାବରନା ବୋଲନ୍ତେ
ଘୃଣାକଲୁ ପରା ମୋତେ । ପଦ ।
ପର କି ମୁଁ ତୋର ତରକିଲୁ ଗିର
ପରଖ ତୁ ଏବେ ଚିତ୍ତେ ।
ତୁଚ୍ଛା ତୁ ଉତ୍ସାହ ହେବାରୁ ତୋ ଇଚ୍ଛା
ସୁଖେ ଲୁହ ପୋଛା ଏତେ ।୧।
ପରମାଦ ମଞ୍ଜି ପୋତିଦେଇ
ଗଞ୍ଜି ଖଞ୍ଜିଲୁ ତୁ ଆଶାଫଳେ ।
ରଙ୍କ ଈକ୍ଷଣୀ ନ ଅଙ୍କୁରିଲା କ୍ଷଣି
କିମ୍ପା ଢ଼ାଙ୍କୁ ମୁଖ ତଳେ ।୨।
ଘନସ୍ତନୀ ପାଞ୍ଚ କରିଥିଲୁ ଆଶା
ନ ଲାଗିବ ବୋଲି ଦୃଢ଼େ ।
ଚତୁରୀ ଆତୁରୀ ନ ରହେ ଚାତୁରୀ
ବଚନ କତୁରୀ ଦାଢ଼େ ।୩।
ଏ ଗୋପ କଟକ ଟିକାଟେ ପାଟକ
ଜାଣି କି ଅଟକ ଥାଇ
ହଜାଇଲୁ ମତି ମଜାଇଲୁ ପ୍ରୀତି
ହେଜ ଉପଇନ୍ଦ୍ର କହି ।୪।

●●●

କିଏ ପକାଇଲା କାମ...

(ରାଗ-ତୋଡ଼ି ପରଜ)

କିଏ ପକାଇଲା କାମ ନଟେ ଗୋ କି କପଟେ
ମୋହନ ଚାତୁରୀ କତୁରୀକି ମୁହିଁ ।
ଡରି ସଖୀ ସଙ୍ଗେ ବାହାର ନୁହଇ ।

Digitized by PPRACHIN, SOA

କାହୁଁ କାହ୍ନୁ କେତେ କପଟ ଜାଣଇ ।
ମିଳଇ ମୋ ସ୍ନାନ ଜଳ ଘାଟେ ଗୋ ।୧।
ଖଣ୍ଡେ ଦୂର ଯାଇ ଜଳରେ ପଡ଼ଇ ।
ବୁଡ଼ିଲି ବୁଡ଼ିଲି ବୋଲି ବୋଲୁଥାଇ ।
ହୃଦୟ ନ ସହେ ଆହା ମୁଁ ମରଇ ।
ଛଡ଼ା କୁସୁମ ଲମ୍ପଟେ ଗୋ ।୨।
ଦେଖିଲେ ମୋହର ଚରଣ ଧୂଳିକି ।
ବୋଲି ହେଉଥାଇ ହୃଦୟ ସ୍ଥଳୀକି ।
ଭାଳି ବସିଥାଇ କାଇଞ୍ଚମାଳିକି ।
ଲେଖାଥିଲା ମୋ ଲଲାଟେ ଗୋ ।୩।
ସ୍ତିରୀ ଛାରଠାରେ ଏତିକି କପଟ
ଏକାନ୍ତରେ ନିଶ୍ଚେ ହରାଇବି ଘଟ ।
ବୋଲେ ଉପଇନ୍ଦ୍ର ମୁରଲୀର ନଟ ।
ଶୁଣିଲି ମୁଁ କର୍ଣ୍ଣ ପୁଟେ ଗୋ ।୪।

●●●

ବିଦେଶେ ନାୟକ...

(ରାଗ–ଆଷାଢ଼ ଶୁକ୍ଳ)

ବିଦେଶେ ନାୟକ ଭାଳଇ ବସି ।
କି କରୁଥିବ ମୋ ପ୍ରୀତି ଲାଳସୀ ।
ଭାଳୁଥିବ ବସି ରଜନୀ ଦିବା ।
ଯାଉ ଜୀବନ ବିଦେଶେ ରହିବା ।
ଅଭାଗ୍ୟ ବଶରୁ ।
ଏକାଳେ ତେଜିଲି ପ୍ରିୟା ପାଶରୁ ।୧।
ଏବେ ବହୁଥିବ ମନ୍ଦ ପବନ ।
କାହା କୋଳେ ସଖୀ ବଞ୍ଚିବି ଦିନ ।
ପନ୍ଦର ବୟସୀ ଶେଯର ସଖୀ ।
ମଦନ ବାଣ ବିନ୍ଧୁଥିବ ଯୋଖି ।
ସେ କାହିଁ ରହିବ ।
ମୋହ ଲାଗି ବାଳା ବିଚ୍ଛେଦ ହେବ ।୨।

Digitized by PPRACHIN, SOA

ଦିନେ ହୋଇଥିଲା ଘୋର ବରଷା ।
ବୋଇଲି ବାନ୍ଧବୀ ଖେଳିବା ପଶା ।
ପଶା ଖେଳ ମୋତେ ଆସଇ ନାହିଁ ।
ଦାନ ପଡ଼ିଲେ ସାର ଦେବି ବାହି ।
ସେ ଚତୁରୀ ବାଳୀ ।
ସାର ବାଛିନେଲା ହଳଦୀ କାଳୀ ।୩।
ଧନ୍ୟ ସେ କାଞ୍ଚଲା କି ତପ କଲା ।
କୁଚସନ୍ଧିକି ଭିଡ଼ି ଯା ରଖିଲା ।
ଯେ ଦିନ କାଞ୍ଚଲା ହେଲା ବାହାର ।
ସ୍ୱେଦ ବହିପଡ଼େ ନାଭୀ ଭିତର ।
ମୁଁ କରିବି କିସ ।
ଭୃଙ୍ଗ ମଧୁପାନେ ଖାଇବି ବିଷ ।୪।
ଶିବ ସେବି ପାଇଥିଲି ରେ ଧନ ।
ଏକାଳେ ବିହି କଲା ଭିନ୍ନ ଭିନ୍ନ ।
ସତେ କି କରିବେ ସେ କାମଦେବ ।
ତା ଦେହ ମୋ ଦେହ ଏକାନ୍ତ ହେବ ।
ପ୍ରତେ ଲାଗୁ ନାହିଁ ।
ସତେ କି ଦେଖିବି ଚନ୍ଦ୍ରମା ମୁହିଁ ।୫।
ଦିନେ ଶୋଇଥିଲା ଚନ୍ଦ୍ର ଚରଣେ ।
ପାଶେ ନ ଥିଲେ ପ୍ରିୟ ସଖୀଗଣେ ।
ରାହାସ ବନ୍ଧେ ଆରମ୍ଭିଲି ରତି ।
ଚେତାପାଇ ଉଠି ମୁକ୍ତାଦନ୍ତୀ ।
ମୁଁ କୋଳେ ଧଇଲି ।
ଏ କି ବିପରୀତ ବୋଲି ବୋଇଲି ।୬।
ଭଣେ ଉପଇନ୍ଦ୍ର ଭଞ୍ଜ ନୃପତି ।
ବିଦେଶେ ରହିଲି ଛାଡ଼ି ଯା କତି ।
ନିତି ନିତି ଝରି ନୟନୁ ନୀର ।
ଝରାଇ ମନେ ପୂଜୁଥିବ ହର ।
ସେ କାହିଁ ରହିବ ।
ମୋହ ଲାଗି ବାଳା ଦୁଃଖ ସହିବ ।୭।

●●●

Digitized by PPRACHIN, SOA

କାନ୍ତ ବିନା ଦିବା ରଜନୀ...

(ରାଗ–କାମୋଦୀ)

କାନ୍ତ ବିନା ଦିବା ରଜନୀ ସଜନୀ
କୋଟି ଯୁଗ ସମ ହେଲାଟିରେ । ପଦ ।
କାହିଁ ସେ ରହିଲେ କିମ୍ପାଇ ନଇଲେ
ତେଣୁକରି କାମ ଅନଳେ ଦହିଲେ ।
କିବା କେଉଁ ନାରୀ କି ମନ୍ତ୍ରେ ମୋହିଲେ
ସେ ଦେଶେ ମଦନ ମଲାଟି ରେ ।୧।
ଭାରି ହେଲା ଆସି ଅଙ୍ଗକୁ ବସନ ।
ତଥିପରେ ଆଭରଣ ଏ ଭୂଷଣ ।
ଦେଖ ଦେଖ, ସଖି ! ଏ ଝଞ୍ଜା ପବନ ।
କାମ ବାଣେ ପ୍ରାଣ ନେଲାଟି ରେ ।୨।
ଯେବେ ଥାନ୍ତେ କାନ୍ତ ବସନ୍ତ କାଳରେ ।
ଘେନି ବଞ୍ଚୁଥାନ୍ତି ଦିବା ରଜନୀରେ ।
କେତେ କେତେ ପ୍ରୀତିମାନ କରୁଥାନ୍ତି ।
କେତେ ସୁଖ ତୁଟି ଗଲାଟି ରେ ।୩।
ତା ଲାଗି ଏ ଜୀବ ନାଶକୁ ଲଭିବ,
ହତ୍ୟା ଦୋଷରେ କି କାରେଣୀ ହୋଇବ ।
କୁସୁମ ଭୂଷଣ ହେଲା ଅକାରଣ ।
ଭଣେ ଉପଇନ୍ଦ୍ର ଭଞ୍ଜଟିରେ ।୪।

●●●

କନକ କମ୍ବୁକୁ ମୋ ଚିତ୍ତ...

(ରାଗ–ଆଷାଢ଼ ଶୁକ୍ଳ)

କନକ କମ୍ବୁକୁ ମୋ ଚିତ୍ତ ଥାଉ ।
ଖଞ୍ଜନନେତ୍ରୀ ଛାମୁକୁ ଚିଟାଉ ।
ଗୋରୀ ତୋ ଶ୍ରୀମୁଖ ଦେଖିଲା ଦିନୁ ।
ଘଡ଼ିଏ ବିସ୍ମୟ ନ ହୁଏ ମନୁ ।
ନିଶ୍ଚେ ଏହି ଧ୍ୟାନ
ଚନ୍ଦ୍ରମା ବଦନୀ କଲୁ ତ ଭିନ୍ନ ।୧।

Digitized by PPRACHIN, SOA

ଛଇଳ ରମଣୀ କଲୁ ନିରାଶ ।
ଜୀବ ଗଲେ ଯିବ ଶମନ ପାଶ ।
ଝଟକ ହାସୀ ଦୟାକୁ ବୋଲାଉ ।
ନିର୍ଦ୍ଦୟା କିମ୍ପାଇଁ ମୋ ଠାରେ ବହୁ ।
ଟେକ ଭାଗ୍ୟ ଥିଲେ ।
ଠିକେ ଦିବା ନିଶି ନେବି ତୋ ତୁଲେ ।୨।
ଡାଳିମ୍ବ ଦନ୍ତୀ ତୁ ଚନ୍ଦ୍ର ଚକୋର ।
ଢାଳେ ମୁଁ ଚାତକ ତୁ ଜଳଧର ।
ଅଙ୍ଗନା ମୁଁ ହଂସ ତୁ ମାନସର ।
ତଥା ତୁ ମାଳତୀ ମୁଁ ମଧୁକର ।
ଥରେ ଚାଟୁ ଘେନ ।
ଦରହାସୀ ତୁ ମୋ ପିଣ୍ଡପରାଣ ।୩।
ଧନ ମୁଁ ନିର୍ଦ୍ଧନ ହୋଇଲି ଅତି ।
ନ ପାଇଲେ ହେବି କାହିଁ ତୃପତି ।
ପୂର୍ବେ ପ୍ରସନ୍ନ ହୋଇଥିଲେ ଶିବ ।
ଫୁଲ ସ୍ନେହ ମାତ୍ରେ କରୁଣା ହେବ ।
ବାଳା ଘେନ ଏତେ ।
ଭଲମନ୍ଦ ସବୁ ଲାଗଇ ତୋତେ ।୪।
ମୋତେ ଏହି ଆଜ୍ଞା ହେବ ରେ ସହି ।
ଯୁବତୀ ରତନ ଗୁଣିକା ଏହି ।
ରାମା ମୁଁ ପିନ୍ଧାଉ ଥିବି ବସନ ।
ଲଳନା ଭାଙ୍ଗି ଦେଉଥିବି ପାନ ।
ବର୍ତ୍ତୁଳ ଉରଜେ ।
ଶ୍ରୀଖଣ୍ଡାରେ ଚିତ୍ର ଲେଖୁଥିବି ମୁଁ ଯେ ।୫।
ଷୋଡ଼ଶୀ ମୋ ପରେ ପ୍ରଭୁ ହୋଇବୁ ।
ଶିରେ ଘେନି ବିଦାୟ ଆଜ୍ଞା ଦେବୁ ।
ହରିଣୀ ନେତ୍ରୀ ତୁ ବିବେକୀ ସାର ।
କ୍ଷଣେ ଏଥି ଦେବୁ ପ୍ରତି ଉତ୍ତର ।
କ୍ଷତ ଭାଷା ଏହି ।
କ୍ଷମେ ଉପଇନ୍ଦ୍ର ଭଞ୍ଜ କହଇ ।୬।

●●●

Digitized by PPRACHIN, SOA

ଈଶ୍ୱର କଲେ ପାଇବି...

(ରାଗ–କାମୋଦୀ)

ଈଶ୍ୱର କଲେ ପାଇବି ।
ଇଷିତେ ଦୁଃଖ ଦହିବି ।
ଈଶ୍ୱରୀ ତାଙ୍କ ଅର୍ଦ୍ଧାଙ୍ଗ ହେଲା ପରି
ଗୋରୀ ଅଙ୍ଗେ ଜଡ଼ି ରହିବି ।ପଦ।
ଇନ୍ଦିରା ଆଳୟ ଶ୍ରୀମୁଖେ ଚିବୁକ
ଧରି ସରୁ ଚୁମ୍ବନ ବିହିବି ।
ଇକ୍ଷଣ ତୀକ୍ଷଣ ବାଣ ବିନ୍ଧିପକା
ଦୋଷ କରିଛି ମୁଁ କହିବି ।୧।

ଈଶାନ ପ୍ରତିମା କୁଚେ
ପାଣିପଦ୍ମ ଚଢ଼ାଇ ଚିତ୍ରକ ଲିହିବି ।
ଈଶା ସରି ନଖେ ତନୁ କ୍ଷେତ୍ର ଚଷି
ପ୍ରେମ ବୀଜ ତହିଁ ରୋଇବି ।୨।

ଇଷ୍ଟକଥା ମୋର ଏଥିରୁ
ଅଛି କି ଅଧରୁ ଅମୃତ ପିଇବି
ଇଶି ଇଶି ସଞ୍ଜିବନୀ ମନ୍ତ୍ର ପଢ଼ି
କାମ ମୁଖରୁ ମୁଁ ଜୀଇବି ।୩।

ଇଷଦ୍ଧାସ ମୁଖେ ପ୍ରକାଶ
କରାଇ ରତି ଉତ୍ସବେ ରସାଇବି ।
ଇଷ୍ଟପୂର୍ବେ ସେହି କାମେ ବରିଥିଲି
ବିବସନ ଶୋଭା ଚାହିଁବି ।୪।

ଈରିଷା ସାରିଲା ଦଇବ
ମନେ ମୋ ନଥିଲା ବିଚ୍ଛେଦ ସହିବି
ଈଦୃଶ ଭାଗ୍ୟ କି ଅଛି ଉପଇନ୍ଦ୍ର
ବୋଲେ ଆଉ ଭିନ୍ନ ନୋହିବି ।୫।

●●●

Digitized by PPRACHIN, SOA

ରସେ ରସିକା....

(ରାଗ–ଖମ୍ବାଜ)

ରସେ ରସିକା ରସିକ ନିକରରେ
ଚକ୍ରବର୍ତ୍ତୀକି କରାଇଲା ରେ ।
ପୁରୁଷାୟିତକୁ ପୁରୁଷାୟିତକୁ
ପୁରୁଷାୟିତକୁ ବିହ୍ୱିଲାରେ ।ପଦ।
ରଖିବାର ଠାଣି, ଆଣି ପାଦପାଣି,
କନକସ୍ତମ୍ଭ ରୁହାଇଲା ରେ ।
କରି ମୁକୁର ବିତାନ ପରି ଗୋରୀ
ଉପରେ ମୋର ଯା ରହିଲା ରେ ।୧।

ହୁଁ ହୁଁ ହୁଁ ହୁଁ କୃତ, ଶତଶୃଙ୍ଗରୁତ ।
କାଞ୍ଚି ଡିଣ୍ଡିମ ବଜାଇଲା ରେ ।
ତାଟଙ୍କ ଆଳତି, ମାଣିକ୍ୟର ଦୀପ,
ମଙ୍ଗଳାର୍ପଣ କରାଇଲା ରେ ।୨।

ସ୍ୱେଦ ଜରଜରେ, ଅଶକତ ଭରେ,
ଉରଜ ଲଗାଇ ରହିଲା ରେ ।
ସପ୍ତ କୁମ୍ଭେ କୁମ୍ଭ, ଶୋଭା ତୀର୍ଥ ଅମ୍ବୁ
ମୋ ପରେ ନେଇ ଢାଳିଲା ରେ ।୩।

ନ ପାରିବି ଆଉ, ବୋଲି ବାରେ ସେହୁ
ଦ୍ୱିଜ ଆଶିଷ କରାଇଲା ରେ ।
ଭଣେ ଉପଇନ୍ଦ୍ର ନୃପ କୁଳଚନ୍ଦ୍ର,
ଲଭିଛି ଏପରି ବୋଇଲା ରେ ।୪।

●●●

Digitized by PPRACHIN, SOA

ବସି କାନ୍ଦୁଥିବ

(ରାଗ–କଲ୍ୟାଣ)

ବସି କାନ୍ଦୁଥିବ ମାନିନୀ, ପ୍ରାଣ ସଜନୀ
ଅଗୁରୁ ଚନ୍ଦନ ବିଷ ତୁଲ୍ୟ ସେ ମଣୁଥିବଣି ।।୧।।

ଗୁନ୍ଥିଣ ଗଇଶ ହାର ପୁଜୁଥିବ ସେ ଶଙ୍କର
ମୋ ବିଚ୍ଛେଦେ ରାମାବର ଉଛନ୍ନ ସେ ହେବଣି ।।୨।।

ବସିଥିବ ଚନ୍ଦ୍ରମୁଖୀ ଯେସନେ ଚାତକ ପକ୍ଷୀ
କାମେ ହେଉଥିବ ଦୁଃଖୀ ରଜନୀରେ ସଜନୀ ।।୩।।

ଆସି ବସନ୍ତ ହୋଇଲା ବି କରୁଥିବ ମୋ ବାଳା
ଉପଇନ୍ଦ୍ର ଭଞ୍ଜମାଳା ବସି ଜପୁଥିବଣି ।।୪।।

●●●

Digitized by PPRACHIN, SOA

ଡକ୍ଟର ଶରତ ଚନ୍ଦ୍ର ରଥ

ଜନ୍ମ ସ୍ଥାନ : ସାକ୍ଷୀଗୋପାଳ ନିକଟସ୍ଥ
ବୀରରାମଚନ୍ଦ୍ରପୁର ଶାସନ ।

ପିତାଙ୍କ ନାମ :
ଶ୍ରୀ ନୀଳାଦ୍ରି ବିହାରୀ ରଥ ।

ମାତାଙ୍କ ନାମ :
ଶ୍ରୀମତୀ ମନୋରମା ରଥ ।

ଶିକ୍ଷା : ଏମ୍.ଏ., ଏମ୍.ଫିଲ୍, ପିଏଚ୍.ଡି ।
୧୯୭୭ ମସିହାରେ ଓଡ଼ିଆ ଏମ୍.ଏ. ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ ଓ ମଧୁସୂଦନ ରାଓ ସ୍ୱର୍ଣ୍ଣପଦକ ଲାଭ ।

ବୃତ୍ତି : ସଂପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟରତ । ।

Digitized by PPRACHIN, SOA